

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:177✦24 October 2026 (Saturday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୭୭✦୨୪ ଅକ୍ଟୋବର ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# କୋଟିଆକୁ ନେଇ ରାଜନୀତି ସରଗରମ: ନବୀନଙ୍କ ଚିଠିର ଜବାବ ରଖିଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୩/ ୧୦(ନି/ପ୍ର): କୋଟିଆକୁ ନେଇ ରାଜ୍ୟ ରାଜନୀତି ସରଗରମ । ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିବା ପରେ ଶାସକ-ବିରୋଧୀ ମୁହାଁମୁହିଁ । କୋଟିଆ ପ୍ରସଙ୍ଗରେ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ସୋସିଆଲ୍ ମିଡିଆରେ ଏହାର ଜବାବ ରଖିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଧର୍ମେନ୍ଦ୍ର କହିଛନ୍ତି, ଏହା କୌଣସି ଦଳର ପ୍ରସଙ୍ଗ ନୁହେଁ ବରଂ ସବୁ ଦଳ ମିଶି ଏହି ସମସ୍ୟାକୁ ସମାଧାନ କରିବା ଦରକାର । ତେବେ ରାଜନୀତି ଏତିକିରେ ଥମିନାହିଁ । ବିଜେଡିର ଏକ ପ୍ରତିନିଧି ଦଳ ଆଜି କୋଟିଆରେ ପହଁଚିଛନ୍ତି । ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆରେ ନିର୍ବାଚନ ସମ୍ପର୍କିତ କାର୍ଯ୍ୟକଳାପର ବିରୋଧ କରିବା ଉଦ୍ଦେଶ୍ୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ପ୍ରତିନିଧିମଣ୍ଡଳୀ କୋଟିଆ ପଚାଂୟତ ଗସ୍ତ କରିଛନ୍ତି । ଏହି ଟିମ୍ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ରିପୋର୍ଟ ନବୀନଙ୍କୁ ପ୍ରଦାନ କରିବେ । ପ୍ରତିନିଧିମଣ୍ଡଳୀରେ ପୂର୍ବତନ ସାଂସଦ ଝିନ୍ନ ହିକକା, ବିଜେଡି ନେତା ମନୋହର ରନ୍ଧାରୀ, ଜଗନ୍ନାଥ ସାରକା, ରବି ନାରାୟଣ ନନ୍ଦ, ପ୍ରଦୀପ ମାଝୀ, ରମେଶ ମାଝୀ ପ୍ରମୁଖ ରହଛନ୍ତି । ସେପଟେ ବିଜେପି ସାଧାରଣ ସଂପାଦକ ବିରଂଚି ତ୍ରିପାଠୀ କହିଛନ୍ତି ଯେ ରାଜ୍ୟର ଇଚେଂ ଜାଗା କାହାକୁ ଦିଆଯିବ ନାହିଁ । ଏଥିପାଇଁ ବିଜେପି ଓ ରାଜ୍ୟ ସରକାର ସଂକଳ୍ପବଦ୍ଧ । ବିରଚିଂ ଏକପ୍ରେସ ମିଟ୍‌ରେ ବିଜେଡିର କାର୍ଯ୍ୟକଳାପକୁ ପ୍ରଶ୍ନ କରିଛନ୍ତି । ନବୀନ ବାବୁ ଟୁଇଟ୍ କରୁଛନ୍ତି, ଚିଠି ଲେଖୁଛନ୍ତି ଏବଂ କମିଟି କରି କୋଟିଆ ପଠାଉଛନ୍ତି, ହେଲେ ଆପଣ ୨୪ ବର୍ଷ ଧରି ଶାସନରେ ଥିଲେ । ୨୪ ବର୍ଷ ଭିତରେ ଆପଣଙ୍କ ଦଳରୁ କିଏ କିଏ ସେଠାକୁ ଯାଇଥିଲେ ତାର ଲିଷ୍ଟ ଦିଅନ୍ତୁ ।

# ପୋସ୍କୋ ଓ ଜେଏସ୍‌ଡବ୍ଲ୍ୟୁ ମୁଖ୍ୟଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର, ୨୩/ ୧୦(ନି/ପ୍ର): ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଓ ପୁଞ୍ଜିନିବେଶ ବଢ଼ାଇବା ଲକ୍ଷ୍ୟରେ ମୁମ୍ବାଇ ଗସ୍ତର ଦ୍ୱିତୀୟ ଦିନରେ ପୋସ୍କୋ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ମୁଖ୍ୟ ଓ ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରିଛନ୍ତି । ବୈଠକରେ ପୋସ୍କୋ ଇଣ୍ଡିଆର ମୁଖ୍ୟ ଏସ୍ ଏଲ୍ ଚୁନ୍, ମୁମ୍ବାଇ କାର୍ଯ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଜେସି କିମ୍ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଯୋଗ ଦେଇଥିଲେ । ଓଡ଼ିଶାରେ ନୂଆ ଶିଳ୍ପ ପ୍ରତିଷ୍ଠା, ପୁଞ୍ଜିନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ନେଇ ଏହି ଆଲୋଚନାରୁ ଆଶା ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଓଡ଼ିଶା ଶିଳ୍ପ ପ୍ରତିଷ୍ଠା ଓ ପୁଞ୍ଜିନିବେଶ ପାଇଁ ଏକ ଅନୁକୂଳ ରାଜ୍ୟ । ନିବେଶକମାନଙ୍କୁ ଆବଶ୍ୟକ ସହଯୋଗ ଓ ସୁବିଧା ଯୋଗାଇଦେବାକୁ ସରକାର ପ୍ରତିବଦ୍ଧ । ରାଜ୍ୟକୁ ଅଧିକ ପୁଞ୍ଜିନିବେଶ ଆଣିବା, ଯୁବକଯୁବତୀଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ଅର୍ଥନୈତିକ ବିକାଶକୁ ଆଗକୁ ନେବା ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଦକ୍ଷିଣ କୋରିଆର ପ୍ରମୁଖ ଇସ୍ପାତ କମ୍ପାନି ପୋସ୍କୋର ଓଡ଼ିଶା ସହ ସମ୍ପର୍କ ବହୁ ପୁରୁଣା । ୨୦୦୫ ଜୁନ୍ ?ରେ କମ୍ପାନି ଜଗତସିଂହପୁର ଜିଲ୍ଲାରେ ବାର୍ଷିକ ୧୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା । ଏଥିପାଇଁ ପ୍ରାୟ ୫୨ ହଜାର କୋଟି ଟଙ୍କା ନିବେଶର ଯୋଜନା ଥିଲା । ସେତେବେଳେ ଏହା ଦେଶର ସବୁଠାରୁ ବଡ଼ ବିଦେଶୀ ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟରୁ ଅନ୍ୟତମ ଥିଲା । ତେବେ ଜମି ଅଧିଗ୍ରହଣକୁ ନେଇ ସ୍ଥାନୀୟ ଲୋକଙ୍କ ବିରୋଧ, ପରିବେଶ ସମ୍ପର୍କିତ ସମସ୍ୟା ଓ ଖଣି ଅଧିକାରକୁ ନେଇ ଅନିଶ୍ଚିତତା ଯୋଗୁଁ ପ୍ରକଳ୍ପ ଆଗେଇ ପାରିନଥିଲା । ଶେଷରେ ୨୦୧୭ରେ ପୋସ୍କୋ ଏହି ପ୍ରକଳ୍ପରୁ ଓହରି ଯାଇଥିଲା । ତେବେ ପ୍ରାୟ ଆଠ ବର୍ଷ ପରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ସହ ମିଶି ପୋସ୍କୋ ପୁଣି ଓଡ଼ିଶାରେ ବଡ଼ ଇସ୍ପାତ କାରଖାନା ସ୍ଥାପନ ଯୋଜନାରେ ସାମିଲ ହୋଇଛି । ୨୦୨୪ ଅକ୍ଟୋବରରେ ଉଭୟ କମ୍ପାନି ଇସ୍ପାତ ଓ ସବୁଜ ଶକ୍ତି କ୍ଷେତ୍ରରେ ମିଳିତ ଭାବେ କାମ କରିବା ପାଇଁ ବୁଝାମଣା କରିଥିଲେ । ୨୦୨୫ ଅଗଷ୍ଟରେ ଭାରତରେ ବାର୍ଷିକ ୬ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଇସ୍ପାତ କାରଖାନା ସ୍ଥାପନ ପାଇଁ ଉଭୟ କମ୍ପାନି ଆଗ୍ରହପତ୍ରରେ ସ୍ୱାକ୍ଷର କରିଥିଲେ ।

# ହୋର୍ମୁଜରେ ଭୟଙ୍କର ଆକ୍ରମଣ, ୭ ତେଲ ଟ୍ୟାଙ୍କର କ୍ଷତିଗ୍ରସ୍ତ: ବଢ଼ିଲା ବାତ୍ୟା ଆଶଙ୍କା



ନୂଆଦିଲ୍ଲୀ, ୨୩।୧୦: ହୋର୍ମୁଜ ପ୍ରଣାଳୀରେ ୭ ଟି ତେଲ ଟ୍ୟାଙ୍କର କ୍ଷତିଗ୍ରସ୍ତ ହୋଇଥିବା ଖବର ସାମ୍ନାକୁ ଆସିଛି । ଇରାନର ସରକାରୀ ଟେଲିଭିଜନ 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ' (ଓଜଏଉ)ର ନୌସେନାକୁ ଉଦ୍ଧାର କରି ଜଣାଇଛି ଯେ ଚାରୋଟି ଟ୍ୟାଙ୍କରରେ ତେଲ ସ୍ଥାନାନ୍ତର କରୁଥିବା ସମୟରେ ଆକ୍ରମଣ ଯୋଗୁଁ ସେଥିରେ ନିଆଁ ଲାଗିଯାଇଥିଲା । ଅନ୍ୟପକ୍ଷରେ, ଅନ୍ୟ ତିନୋଟି ଜାହାଜ ସାମୁଦ୍ରିକ ବାରୁଦ ସୁରଙ୍ଗ ସଂସ୍ପର୍ଶରେ ଆସି କ୍ଷତିଗ୍ରସ୍ତ ହେବା ସହ ଅଚଳ ହୋଇପଡ଼ିଛି । ପ୍ରସିଦ୍ଧ ଗଣମାଧ୍ୟମ ସଂସ୍ଥା 'ରଏଟର୍ସ' ମଧ୍ୟ ଏହି ରିପୋର୍ଟ ପ୍ରକାଶ କରିଛି । ଏହି ସମୟରେ ଇରାନର ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନର ସମ୍ପତି ଉପରେ ଆକ୍ରମଣ କରାଯାଏ, ତେବେ ଏହି ଯୁଦ୍ଧକୁ ସମର୍ଥନ କରୁଥିବା

## ଆମେରିକୀୟ ସାମରିକ ଆଡ୍ଡାକୁ ଇରାନର ଧମକ

ଦେଶଗୁଡ଼ିକର ଆର୍ଥିକ ଭିତିଭୂମିକୁ ମଧ୍ୟ ଟାର୍ଗେଟ୍ କରାଯାଇପାରେ । ଇରାନର ସରକାରୀ ଟେଲିଭିଜନ ରିପୋର୍ଟରେ ଜାହାଜଗୁଡ଼ିକର ପତାକା, ସମ୍ଭାବ୍ୟ ମୃତାହତ କିମ୍ବା ଅନ୍ୟାନ୍ୟ କ୍ଷୟକ୍ଷତି ବିଷୟରେ ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ । ଯଦି ଏହି ୭ଟି ଜାହାଜ କ୍ଷତିଗ୍ରସ୍ତ ହେବାର ଖବର ସତ ବୋଲି ପ୍ରମାଣିତ ହୁଏ, ତେବେ ଗତ ଫେବୃଆରୀ ୨୮ରେ ଇରାନ ଯୁଦ୍ଧ ଆରମ୍ଭ ହେବାଠାରୁ ଏହି ରଣନୈତିକ ଜଳପଥରେ ଗୋଟିଏ ଦିନରେ ସବୁଠାରୁ ବଡ଼ଧରଣର କ୍ଷତି ହେବ । ଓଜଏଉ ଚେତାବନୀ ଦେଇଛି ଯେ ଯଦି ଆମେରିକା ହୋର୍ମୁଜ ପ୍ରଣାଳୀର ଅନ୍ୟାନ୍ୟ ଅଚଂଳରୁ ତେଲ ଟ୍ୟାଙ୍କରଗୁଡ଼ିକର ଯାତାୟାତ ସୁନିଶ୍ଚିତ କରିବାକୁ ଚେଷ୍ଟା କରେ, ତେବେ ଏହି ଅଚଂଳରେ ଥିବା ଆମେରିକୀୟ ସାମରିକ ଆଡ୍ଡାଗୁଡ଼ିକୁ ଟାର୍ଗେଟ୍ କରାଯିବ । ଚାଲିଥିବା ଏହି ଯୁଦ୍ଧ ସମୟରେ ଓଜଏଉ କ୍ରମାଗତ ଭାବେ ଉପସାଗରୀୟ ଦେଶମାନଙ୍କରେ ଥିବା ଆମେରିକୀୟ ଆଡ୍ଡାଗୁଡ଼ିକୁ ଟାର୍ଗେଟ୍ କରିଆସୁଛି । ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ତଥା ମେଜର ଜେନେରାଲ ମୋହସିନ ରେଜାଇ ଚେତାବନୀ ଦେଇଛନ୍ତି ଯେ ଇରାନର ସମ୍ପତି ଉପରେ ଆକ୍ରମଣ ହେଲେ ଏହାର ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ । ଆମେରିକୀୟ ଗଣମାଧ୍ୟମ 'ଡ୍ରପ୍ ସାଇଟ୍'କୁ ଦେଇଥିବା ଏକ ସାକ୍ଷାତକାରରେ ରେଜାଇ କହିଛନ୍ତି ଯେ ଯଦି ଆମେରିକା ସହ ସଂଘର୍ଷ ଜାରି ରହେ, ତେବେ ତେହେରାନ ପାଖରେ ଏହାର ଜବାବ ଦେବାର ସମସ୍ତ ପନ୍ଥା ରହିଛି । 'ଅଲ୍ ଜଜିରା' ମଧ୍ୟ ଏହି ବିବୃତ୍ତି ପ୍ରକାଶ କରିଛି । ରେଜାଇ କହିଛନ୍ତି, "ଇରାନର ତେଲ କେନ୍ଦ୍ର, ବନ୍ଦର ଏବଂ ଜାହାଜ ଚଳାଚଳକୁ କୌଣସି ବୈଧ ଟାର୍ଗେଟ୍ ଭାବେ ଗ୍ରହଣ କରାଯାଇପାରିବ ନାହିଁ, ଯେତେବେଳେ କି ଯୁଦ୍ଧକୁ ସମର୍ଥନ କରୁଥିବା ଅନ୍ୟପକ୍ଷର ଆର୍ଥିକ ଭିତିଭୂମି ସବୁବେଳେ ସୁରକ୍ଷିତ ରହିବ ବୋଲି ଧରି ନିଆଯିବ ।



ଭୁବନେଶ୍ୱର, ୨୩/ ୧୦(ନି/ପ୍ର): ଦକ୍ଷିଣ-ପୂର୍ବ ଏବଂ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ସହିତ ଆଣ୍ଡାମାନ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତି କରୁଛି । ଶୁକ୍ରବାର ଦକ୍ଷିଣ-ପୂର୍ବ ଏବଂ ଏହାର ପାର୍ଶ୍ୱବର୍ତୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଚଂଳରେ ଏହା ଲଘୁଚାପ ରୂପ ନେବାର ସମ୍ଭାବନା ରହିଛି । ପରବର୍ତୀ ସମୟରେ ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତି କରିବା ସହ ଆହୁରି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ଆଇଏମ୍ ?ଡି ତା'ର ବିସ୍ତାରିତ ପରିସର ରିପୋର୍ଟରେ ବାତ୍ୟା ହେବ ବୋଲି ପ୍ରତ୍ୟକ୍ଷ ଭାବେ କହୁନଥିଲେ ମଧ୍ୟ ପରୋକ୍ଷରେ ସମ୍ଭାବ୍ୟ ଲଘୁଚାପ ବାତ୍ୟା ରୂପ ନେଇପାରେ ବୋଲି ଦର୍ଶାଇଛି । ଆଇଏମ୍‌ଡିର ରିପୋର୍ଟ ଅନୁସାରେ, ୨୩ ତାରିଖରେ ଦକ୍ଷିଣ-ପୂର୍ବ ଏବଂ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଚଂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ପରେ ପଶ୍ଚିମ-ଉନ୍ନର-ପଶ୍ଚିମ ଦିଗରେ ଗତି କରିବ । ୨୫ ତାରିଖ ସୁଦ୍ଧା ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେବାର ସମ୍ଭାବନା ରହିଛି । ପରବର୍ତୀ ସମୟରେ ପଶ୍ଚିମ-ଉନ୍ନର-ପଶ୍ଚିମରେ ଗତି କରି ପରବର୍ନୀ ତିନିଦିନ ମଧ୍ୟରେ ଆହୁରି ଅଧିକ ଘନୀଭୂତ ହୋଇପାରେ । ଲଘୁଚାପ ସୃଷ୍ଟି ହେବା ପରେ ଏହାର କେନ୍ଦ୍ରସ୍ଥଳରେ ଘଟାଂ ପ୍ରତି ୩୫ରୁ ୫୫କି.ମି ଏବଂ ସ୍ଥଳବିଶେଷରେ ଝଟକା ପବନ ବେଗ ଘଟାଂ ପ୍ରତି ୫୫ କି.ମି.ବହିପାରେ । ୨୪ ତାରିଖ ସନ୍ଧ୍ୟା ବେଳକୁ ପବନର ବେଗ ବୃଦ୍ଧି ପାଇବ ଏବଂ କେନ୍ଦ୍ରସ୍ଥଳରେ ଘଟାଂପ୍ରତି ୪୫ରୁ ୫୫ କି.ମି ଏବଂ ସ୍ଥଳବିଶେଷରେ ଝଟକା ପବନର ବେଗ ୬୫କି.ମି. ବହିପାରେ । ୨୫ ତାରିଖ ସନ୍ଧ୍ୟା ସୁଦ୍ଧା କେନ୍ଦ୍ରସ୍ଥଳରେ ପବନର ବେଗ ଆହୁରି ବଢ଼ିବ ଏବଂ ଘଟାଂ ପ୍ରତି ୫୦ରୁ ୬୫ କି.ମି ଏବଂ ସ୍ଥଳବିଶେଷରେ ଝଟ୍‌କା ପବନର ବେଗର ୭୦କି.ମି. ପର୍ଯ୍ୟନ୍ତ ଛୁଇଁପାରେ ।

## ଅବସର ପୂର୍ବରୁ ପେନ୍‌ସନ୍ ଓ ଦରମା ଯାଚଂ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୩/ ୧୦: ପେନ୍‌ସନ୍‌ଭୋଗୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତି ନେଇଛନ୍ତି । ଏହାଦ୍ୱାରା ୩୩.୯ ଲକ୍ଷ ପେନ୍‌ସନ୍‌ଭୋଗୀ ଏବଂ ୩୬.୫ ଲକ୍ଷ କର୍ମଚାରୀ ଉପକୃତ ହେବେ ବୋଲି ଆଶା କରାଯାଉଛି । ଅର୍ଥ ମନ୍ତ୍ରାଳୟର ବ୍ୟୟ ବିଭାଗ ପକ୍ଷରୁ ଏକ ନୂଆ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ବିଭାଗକୁ କର୍ମଚାରୀଙ୍କ ଅବସର ଗ୍ରହଣର ଚାରି ବର୍ଷ ପୂର୍ବରୁ ସେମାନଙ୍କ ସେବା ରେକର୍ଡ, ଦରମା ନିର୍ଦ୍ଧାରଣ (ପେ-ଫିକ୍ସେସନ୍) ଏବଂ ପେନ୍‌ସନ୍ ସମ୍ବନ୍ଧୀୟ ବିବରଣୀ ଯାଚଂ କରିବାକୁ ପଡ଼ିବ । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତି ରୁ ପ୍ରାୟ ୭୦ ଲକ୍ଷ କର୍ମଚାରୀ ଉପକୃତ ହେବେ ।

# ଆଗାମୀ ୩୦ ବର୍ଷ ଯାଏଁ କ୍ଷମତାକୁ ଫେରିବନି କଂଗ୍ରେସ: ଶାହ



ନୂଆଦିଲ୍ଲୀ, ୨୩/ ୧୦: କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଦେଶ ଗସ୍ତରେ ଥିବାବେଳେ ତାଙ୍କୁ କଟାକ୍ଷ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଆଗାମୀ ୩୦ ବର୍ଷ ଯାଏଁ କଂଗ୍ରେସ କ୍ଷମତାକୁ ଫେରିପାରିବ ନାହିଁ ବୋଲି ସେ କହିଛନ୍ତି । ଗୁରୁବାର ଦିଲ୍ଲୀରେ ଯମୁନା ନଦୀର ପୁନରୁଦ୍ଧାର ଓ ସଫେଇ ପାଇଁ ୮,୯୪୧ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଶାହ ଏହି ମନ୍ତବ୍ୟ ଦେଇଛନ୍ତି । ରାହୁଲଙ୍କ ବିଦେଶ ଗସ୍ତକୁ ନେଇ ଶାହ କହିଛନ୍ତି, ମୁଁ ଜାଣିଛି, ଆପଣ ବିଦେଶରେ କେଉଁଠି ବସିଥିବାରୁ ମୋ କଥା ଶୁଣିପାରୁନାହାନ୍ତି । ଆପଣ ସେଠାକୁ କାହିଁକି ଯାଇଛନ୍ତି, ତାହା ମଧ୍ୟ କହୁନାହାନ୍ତି । ତେବେ ଏହା ଆପଣଙ୍କ ବ୍ୟକ୍ତିଗତ ବିଷୟ । କିନ୍ତୁ ଦିଲ୍ଲୀ ଫେରିବା ପରେ ମୋ କଥା ମନେ ରଖିବେ, ଆଗାମୀ ୩୦ ବର୍ଷ ଯାଏଁ ଆପଣଙ୍କ ଦଳର କ୍ଷମତାକୁ ଆସିବାର ପାଳି ପଡ଼ିବ ନାହିଁ । ରାହୁଲ ଗାନ୍ଧୀ ଚାରିଦିନିଆ ଭିଏତନାମ ଗସ୍ତରେ ଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)ରେ ଅନିୟମିତତା ଅଭିଯୋଗ କରି ବିରୋଧୀ ଦଳଗୁଡ଼ିକ ଆନ୍ଦୋଳନ ଚଳାଇଛନ୍ତି । ଏହି ଅଭିଯାନରେ ଇଣ୍ଡି ମେଚଂ ସହ କକ୍ରୋଚ୍ ଜନତା ପାର୍ଟି (ସିଜେପି) ମଧ୍ୟ ସାମିଲ ହୋଇଛି । ବିରୋଧୀଙ୍କ ଭୋଟ ଚୋରି ଅଭିଯୋଗକୁ ଖଣ୍ଡନ କରି ଶାହ କହିଛନ୍ତି, କଂଗ୍ରେସ ନିର୍ବାଚନରେ ହାରିବା ପରେ ନିର୍ବାଚନ କମିସନଙ୍କ ଉପରେ ପ୍ରଶ୍ନ ଉଠାଉଛି । କିନ୍ତୁ କେରଳ, ତେଲେଙ୍ଗାନା ଓ ହିମାଚଳ ପ୍ରଦେଶରେ କଂଗ୍ରେସ ବା ତା'ର ସହଯୋଗୀ ଦଳ ଜିତିଥିବାବେଳେ ନିର୍ବାଚନ କମିସନ କିମ୍ବା ଭୋଟର ତାଲିକାକୁ ନେଇ ଆପତ୍ତି ଉଠାଯାଇ ନଥିଲା । ତାମିଲନାଡୁରେ ମଧ୍ୟ କଂଗ୍ରେସ ସମର୍ଥିତ ଦଳଗୁଡ଼ିକ ଜିତିଥିଲେ । ହେଲେ ଯେଉଁଠି ହାରୁଛନ୍ତି, ସେଠାରେ ନିର୍ବାଚନ କମିସନଙ୍କୁ ଦୋଷ ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଶାହ ଆହୁରି କହିଛନ୍ତି, କେବଳ ଆନ୍ଦୋଳନ କରି କିମ୍ବା ଜନାଦେଶ ଉପରେ ପ୍ରଶ୍ନ ଉଠାଇ ନିର୍ବାଚନ ଜିତିହେବ ନାହିଁ । ନିର୍ବାଚନ ଜିତିବାକୁ ହେଲେ ନେତାମାନେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ଆବଶ୍ୟକ । ଯେଉଁ ରାଜ୍ୟରେ ଦଳ କ୍ଷମତାରେ ଅଛି, ସେଠାରେ ଲୋକଙ୍କ କଲ୍ୟାଣ ପାଇଁ କାମ କରିବା ଉଚିତ । କଂଗ୍ରେସର ନକାରାତ୍ମକ ରାଜନୀତି ଯୋଗୁଁ ଦଳ ଆଗାମୀ ଦଶନ୍ଧିଗୁଡ଼ିକରେ ମଧ୍ୟ କ୍ଷମତାକୁ ଫେରିପାରିବ ନାହିଁ ବୋଲି ସେ ଦାବି କରିଛନ୍ତି ।

# ଟାୟାର ଫାଟି ଓଲଟିଲା ଡିଜେ ଗାଡ଼ି

## ଜଣେ ମୃତ, ୧୦ରୁ ଅଧିକ ଆହତ



ମାଲକାନଗିରି, ୨୩/ ୧୦(ନି/ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ନିକଟରେ ବଡ଼ ଦୁର୍ଘଟଣା । ଟାୟାର ଫାଟିଯିବାରୁ ଦୁର୍ଘଟଣାଗ୍ରସ୍ତ ହେଲା ଡିଜେ ଗାଡ଼ି । ଏଥିରେ ୧୦ରୁ ଅଧିକ ଜଣ ଆହତ ହୋଇଥିବା ବେଳେ ଜଣକର ମୃତ୍ୟୁ ହୋଇଥିବା ପ୍ରାଥମିକ ସୂଚନା ମିଳିଛି । ସୂଚନା ଅନୁଯାୟୀ, ଧର୍ମଗଡ଼ରୁ ମାଲକାନଗିରି ଅଭିମୁଖେ ଆସୁଥିବା ଡିଜେ ଗାଡ଼ିଟି ମାଥିଲି ନିକଟ ଅଁଳାଯୋଡ଼ି ପାଖରେ ଦୁର୍ଘଟଣାର ଶିକାର ହୋଇଛି । ଆଜି ସକାଳ ପ୍ରାୟ ୭ଟା ସମୟରେ ମାଲକାନଗିରି ଆସୁଥିବା ଡିଜେ ଗାଡ଼ିର ଟାୟାର ଫାଟିଯିବାରୁ ଏହି ଅଘଟଣ ଘଟିଥିବା ପ୍ରାଥମିକ ସୂଚନା ରହିଛି । ଦୁର୍ଘଟଣାରେ ୧୦ରୁ ଅଧିକ ଜଣ ଆହତ ହୋଇଥିବାବେଳେ, ସେମାନଙ୍କୁ ଚିକିତ୍ସା ପାଇଁ ମାଥିଲି ଡାକ୍ତରଖାନାକୁ ନିଆଯାଇଛି । ତେବେ ଆହତଙ୍କ ଅବସ୍ଥା ଓ ଦୁର୍ଘଟଣାର ତଦନ୍ତ କରୁଛି ମାଥିଲି ପୁଲିସ ।

# ତିବ୍ବତରେ ଭୟଙ୍କର ଭୂମିକମ୍ପ; ୧୬ ମୃତ, ୩୨ ଆହତ

ବେଜିଂ, ୨୩/ ୧୦: ଚୀନର ତିବ୍ବତ ଅଚଂଳରେ ଗୁରୁବାର ଦିନ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଶକ୍ତିଶାଳୀ ୭ ତୀବ୍ରତାର ଭୂମିକମ୍ପରେ ଅତି କମରେ ୧୬ ଜଣଙ୍କର ମୃତ୍ୟୁ ଏବଂ ୩୨ ଜଣ ଆହତ ହୋଇଛନ୍ତି । ଶହ ଶହ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ଉନ୍ନର ସହର ନାଗକୁରେ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୭ ତୀବ୍ରତାର ଭୂମିକମ୍ପ ପରେ ଆଖପାଖ ଅଚଂଳରେ ୩ ରୁ ୪ ତୀବ୍ରତାର ଅନେକ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା । ଜାନୁଆରୀ ୨୦୨୪ ପରଠାରୁ ଏହା ଚୀନରେ ହୋଇଥିବା ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ । ସ୍ଥାନୀୟ ଅଧିକାରୀଙ୍କ ଉଦ୍ଧୃତି ଦେଇ ସହରର ଗଣମାଧ୍ୟମ କାର୍ଯ୍ୟାଳୟ ରିପୋର୍ଟ କରିଛି ଯେ ଅତି କମରେ ୩୩୯ ଘର ଭୁଶୁଡ଼ି ପଡ଼ିଛି । ଆହତଙ୍କ ମଧ୍ୟରୁ ୧୧ ଜଣ ଗୁରୁତର ଆହତ ହୋଇଛନ୍ତି, ଯେତେବେଳେ ୨୧ ଜଣ ସାମାନ୍ୟ ଆହତ ହୋଇଛନ୍ତି । ପୁଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଲୋକମାନଙ୍କୁ ଉଦ୍ଧାର କରିବା ଏବଂ ବାସହୀନ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଉଦ୍ଧାରକାରୀ ଦଳ ମଧ୍ୟ ତମ୍ବୁ ସ୍ଥାପନ କରୁଥିଲେ । ଭୂମିକମ୍ପର କେନ୍ଦ୍ରସ୍ଥଳ ତିବ୍ବତର ରାଜଧାନୀ ଲାସାଠାରୁ ପ୍ରାୟ ୪୦୦ କିଲୋମିଟର ଦୂରରେ ଥିଲା । ଏହି ଭୂମିକମ୍ପ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିଲା । ଚୀନ୍ ଭୂମିକମ୍ପ ନେଟୱାର୍କସ୍ ସେଂଟର ଅନୁଯାୟୀ, ସ୍ଥାନୀୟ ସମୟ ପ୍ରାୟ ରାତି ୧୦:୩୩ ରେ ହୋଇଥିବା ଏହି ଭୂମିକମ୍ପର ତୀବ୍ରତା ୭.୦ ଥିଲା । ଏହାର କେନ୍ଦ୍ରସ୍ଥଳ ସମୁଦ୍ର ପତ୍ତନଠାରୁ ପ୍ରାୟ ୪,୮୬୪ ମିଟର ଉଚ୍ଚତାରେ ଅବସ୍ଥିତ ଉନ୍ନର ତିବ୍ବତର ନାଗକୁ ଅଚଂଚଳରେ ଭୂମିଠାରୁ ୧୦ କିଲୋମିଟରେ ତଳେ ଥିଲା । ରାଜ୍ୟ ଗଣମାଧ୍ୟମ ଅନୁଯାୟୀ, ଭୂମିକମ୍ପ କେନ୍ଦ୍ର ନିକଟବର୍ତୀ ଏକ ଗ୍ରାମରେ ଦୁଇଜଣ ଆହତ ହୋଇଛନ୍ତି, ଯେତେବେଳେ ଆଖପାଖ ଗାଁର ଅନେକ ଘରେ ଫାଟ ସୃଷ୍ଟି ହୋଇଛି । ସ୍ଥାନୀୟ ରାଜ୍ୟ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ଭିଡିଓରେ ଲୋକମାନେ ଘରୁ ବାହାରକୁ ବାହାରି ବାହାରେ କିମ୍ବା ରାସ୍ତାରେ ପାର୍କ ହୋଇଥିବା ସେମାନଙ୍କ କାରରେ ଆଶ୍ରୟ ନେଉଥିବା ଦେଖାଯାଇଛି ।

# ୨୯ରୁ ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷା

କଟକ, ୨୩/ ୧୦(ନି/ପ୍ର): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)ର ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତା ୨୯ ତାରିଖ ଠାରୁ ଆରମ୍ଭ ହେବ । ରାଜ୍ୟର ପ୍ରାୟ ୫୬୯୦ ଜଣ ପରୀକ୍ଷାର୍ଥୀ ଉକ୍ତ ପରୀକ୍ଷା ଦେବେ । ବିଭିନ୍ନ ଜୋନରେ ଓପିଏସ୍‌ସି ପକ୍ଷରୁ ପରୀକ୍ଷା ହେବାକୁ ଥିବାବେଳେ ନଭେମ୍ବର ୭ ତାରିଖରେ ଏହା ଶେଷ ହେବ । ପୂର୍ବାହ୍ଣ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ଦୁଇଟି ସିଟିଂରେ ଏହି ପରୀକ୍ଷା କରାଯିବ । ଏଥିପାଇଁ ଶୁକ୍ରବାର ଠାରୁ ପରୀକ୍ଷାର୍ଥୀ ଆଡମିଟ୍ କାର୍ଡ ପାଇପାରିବେ । ଏ ନେଇ ଓପିଏସ୍‌ସି ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଓପିଏସ୍‌ସି ପକ୍ଷରୁ ଜୁନ୍ ୭ରେ ଓସିଏସ ପ୍ରିଲିମ୍‌ନାରୀ ପରୀକ୍ଷା କରାଯାଇଥିଲା । କଟକ, ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ଜୟପୁର ଜୋନର ବିଭିନ୍ନ ପରୀକ୍ଷା କେନ୍ଦ୍ର ଆଶାୟୀ ପରୀକ୍ଷା ଦେଇଥିଲେ । ଜୁଲାଇ ୧୦ ତାରିଖରେ ଏହି ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଏଥିରେ ୫୬୯୦ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ତନ୍ମଧ୍ୟରୁ ୧୯୦୫ ମହିଳା ପ୍ରାର୍ଥୀ ରହିଥିଲେ । ଉକ୍ତ କୃତୀ ପରୀକ୍ଷାର୍ଥୀ ଆସନ୍ତା ୨୯ରୁ ମୁଖ୍ୟ ଲିଖିତ ପରୀକ୍ଷା ଦେବେ ।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122




କେନ୍ଦୁଝରରେ ୬୭ ତମ ପୋଲିସ ଶହୀଦ ଦିବସରେ ଏସପି ନିତିନ କୁଶଲକର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛନ୍ତି

# ଚମ୍ପୁଆ ଶିଶୁ ମନ୍ଦିରରେ ପୂର୍ବ ଛାତ୍ର ଏକତ୍ରିକରଣ ଅନୁଷ୍ଠିତ

ଚମ୍ପୁଆ,୨୩/୧୦(ନି/ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପୂର୍ବ ଛାତ୍ର ଏକତ୍ରିକରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତ ଯୋଗ ଦେଇ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଭାରତୀୟ ସଂସ୍କୃତି ଆଧାରରେ ନିଜ ଜୀବନକୁ ଏକ ଆଦର୍ଶ ନାଗରିକ ଭାବେ ଗଢିବା ସହିତ ଜଣେ ମାତୃଭୂମି ଓ ପର୍ଯ୍ୟାବରଣର ସୁରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗ ଦେଇ ଛାତ୍ର ଛାତ୍ରୀମାନେ ଦେଶର ଭବିଷ୍ୟତ ଓ ହୀରା ଭଳି ମୂଲ୍ୟବାନ ବୋଲି କହିଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ଓ ଆଭିମୁଖ୍ୟ କଥନ କରିଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ବିଦ୍ୟାଳୟର ପୂର୍ବ ଛାତ୍ର ସଂଯୋଜକ ନିର୍ମଳ ଚନ୍ଦ୍ର ମହାନ୍ତ ପୂର୍ବ ଛାତ୍ର ଆଲୁମନି ପୋର୍ଟାଲ୍ ରେ କିପରି ନାମ ପଞ୍ଜିକରଣ କରିପାରିବେ ଓ ଏହାର ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ସଭା ଆରମ୍ଭରେ ବିଦ୍ୟାଳୟର ଗୁରୁମାଆମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶତାଧିକ ପୂର୍ବ ଛାତ୍ର ଛାତ୍ରୀ ଯୋଗ ଦେଇ ବିଦ୍ୟାଳୟରେ ନିଜ ନିଜ ଛାତ୍ର ଜୀବନର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏଥିରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସେବକ ସେବିକା ଉପସ୍ଥିତ ଥିଲେ ।

# ପତିତପାବନ ଆଶ୍ରମର ଭବ୍ୟ ଭୂମି ପୂଜନ ତଥା ଶିଳାନ୍ୟାସ ସମ୍ପନ୍ନ

ଭୁବନେଶ୍ୱର,୨୩/୧୦(ନି/ପ୍ର): ଗଜପତି ଜିଲ୍ଲାର ଅନ୍ତର୍ଗତ ଧନୁପୋଡ଼ା ଗ୍ରାମରେ ଥିବା ପତିତପାବନ ଆଶ୍ରମର ନୂତନ ଗୃହ ନିର୍ମାଣ ନିମନ୍ତେ ଆଜି ଏକ ଭବ୍ୟ ଭୂମି ପୂଜନ ତଥା ଶିଳାନ୍ୟାସ କାର୍ଯ୍ୟକ୍ରମ ଆଧାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି । ସମାଜର କଲ୍ୟାଣ ତଥା ସେବା କାର୍ଯ୍ୟକୁ ଆଗେଇ ନେବା ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରମୁଖ କାର୍ଯ୍ୟକର୍ତା, ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଏବଂ ସ୍ଥାନୀୟ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଏହି ପବିତ୍ର ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ । ଆଜି ସକାଳେ ଆଶ୍ରମର ଅନ୍ତେବାସୀ ଏବଂ ଗ୍ରାମବାସୀମାନେ ଶ୍ରୀ ତରଣୀସେନ ଦାଶଙ୍କ ନେତୃତ୍ୱରେ ବିଶ୍ୱ ହିନ୍ଦୁ ପରିଷଦର କ୍ଷେତ୍ର ଓ ପ୍ରାନ୍ତ ସ୍ତରୀୟ ପ୍ରମୁଖମାନଙ୍କୁ ପାରମ୍ପରିକ ହିନ୍ଦୁ ରୀତିନୀତିରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପୂଜା ପୂର୍ବରୁ ଆୟୋଜିତ ସାମୂହିକ ଭଜନ-କୀର୍ତନ ଏବଂ ହନୁମାନ ଚାଳିଶା ପାଠ ସମଗ୍ର ପରିବେଶକୁ ଭକ୍ତିମୟ କରି ଗଢ଼ିତୋଳିଥିଲା । ଏହାପରେ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଯଥାବିଧି ଆଶ୍ରମର ନୂତନ ଗୃହ ପାଇଁ ଶିଳାନ୍ୟାସ କରାଯାଇଥିଲା । ଏହି ଶୁଭ ମୁହୂର୍ତ୍ତରେ ଅତିଥି ଏବଂ ସ୍ଥାନୀୟ ବାସିନ୍ଦାମାନେ ଅତ୍ୟନ୍ତ ନିଷ୍ଠାର ସହ ଭୂମି ପୂଜାରେ ସାମିଲ ହୋଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ସମାରୋହରେ ବିଶ୍ୱ ହିନ୍ଦୁ ପରିଷଦ କ୍ଷେତ୍ର ସେବା ସହ ପ୍ରମୁଖ ଶ୍ରୀ ହରିଶ୍ଚନ୍ଦ୍ର ପ୍ରଧାନ, ସମର୍ପଣ ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ରଥ, ପ୍ରାନ୍ତ ସେବା ସହ ପ୍ରମୁଖ ଶ୍ରୀ ନଗେନ୍ଦ୍ର ମହାରଣା ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟର ମହନ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିସହ ରାଜ୍ୟରେ ଯୁବ ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ କାର୍ଯ୍ୟରତ ଅଗ୍ରଣୀ ନ୍ୟାସନାଲ୍ ୟୁଥ୍ ଫର୍ ସୋସିଆଲ୍ ଜଷ୍ଟିସ୍ ଟ୍ରଷ୍ଟର 'ସକ୍ଷମ ଓଡ଼ିଶା' ମିଶନର ପ୍ରତିଷ୍ଠାତା ତଥା ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସଂସ୍କାରଶାଳା ପ୍ରମୁଖ ସରୋଜ କାନ୍ତ ବେହେରା ଉପସ୍ଥିତ ରହି ଏହି ସେବା ପ୍ରକଳ୍ପରେ ନିଜର ସହଯୋଗ ପ୍ରଦାନ କରିଥିଲେ । ଭୂମି ପୂଜନ ଅବସରରେ କ୍ଷେତ୍ର ଓ ପ୍ରାନ୍ତର ବରିଷ୍ଠ ଅଧିକାରୀ ତଥା ନବଗଠିତ ସମିତିର ସଦସ୍ୟମାନଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶ୍ୱ ହିନ୍ଦୁ ପରିଷଦ ସେବା ବିଭାଗ ଆନୁକୂଲ୍ୟରେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସହଭାଗିତାରେ ଅଂଚଳବାସୀଙ୍କ ହିତ ପାଇଁ ବ୍ୟାପକ ସେବାମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ବିଶେଷ କରି ସ୍ୱାସ୍ଥ୍ୟ ସେବା ଯୋଗାଣ, ଗୁଣାତ୍ମକ ଶିକ୍ଷାର ପ୍ରସାର, ପାରମ୍ପରିକ ଜୈବିକ କୃଷିର ବିକାଶ, ପୁଷ୍ଟିକର ଆହାର ବ୍ୟବସ୍ଥା, ହିନ୍ଦୁ ସଂସ୍କାର ଜାଗରଣ ତଥା ଯୁବପିଢ଼ି ଓ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସ୍ୱାବଲମ୍ବନ ଅଭିଯାନର ସମ୍ପ୍ରସାରଣ ଉପରେ ବିସ୍ତୃତ ଆଲୋଚନା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ଗଜପତି ଜିଲ୍ଲାର ଏହି ଦୁର୍ଗମ ଅଂଚଳରେ ଆଶ୍ରମର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତଥା ଆଗାମୀ ତିନି ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟରେ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହମତିରେ ଏକ ନୂତନ ପରିଚାଳନା ସମିତି ଗଠନ କରାଯାଇଛି । ଭୂମି ପୂଜନ ପରେ ଉପସ୍ଥିତ ସମସ୍ତ ଅତିଥି ତଥା ଗ୍ରାମବାସୀଙ୍କ ପାଇଁ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପରିଶେଷରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ପ୍ରଭୁଙ୍କ ନିକଟରେ ସମର୍ପିତ ଭାବେ ପ୍ରାର୍ଥନା କରିବା ସହ ସମୂହ ହରିବୋଲ ଓ ହୁଳହୁଳି ଧ୍ୱନିରେ କାର୍ଯ୍ୟକ୍ରମକୁ ଉଦଯାପିତ କରିଥିଲେ ।

## ଗଞ୍ଜାମ ଜିଲ୍ଲାର ଶକ୍ତି ପୀଠରେ ନବରାତ୍ର ପୂଜା ଉଦ୍‌ଯାପିତ

ଗଂଜାମ,୨୩/୧୦(ନି/ପ୍ର): ଗଂଜାମ ଜିଲ୍ଲାରେ ମୂଳାଷ୍ଟମୀଠାରୁ ସମସ୍ତ ଶକ୍ତି ପୀଠରେ ଅନୁଷ୍ଠିତ ଷୋଡଶପୂଜା ନବରାତ୍ର ପୂଜା ଗତକାଲି ରାତିରେ ଦଶହରା ପୂଜା ସହ ପାରଂପାରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଦେବୀ ମନ୍ଦିର ଗୁଡିକ ରେ ବିଳମ୍ବିତ ରାତ୍ରି ଯାଏ ଦେବୀଙ୍କ ଦର୍ଶନ ପାଇଁ ପ୍ରବଳ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ଗତକାଲି ରାତିରେ ଦଶହରା ଉପଲକ୍ଷେ ଗଂଜାମ ଜିଲ୍ଲା ବ୍ରହ୍ମପୁର ସହର ସମେତ ଅନ୍ୟାନ୍ୟ ସହରଓ ଗ୍ରାମରେ ଅନୁଷ୍ଠିତ ଦୁର୍ଗା ମଣ୍ଡପ ଗୁଡିକ ରେ ଦେବୀ ଦୁର୍ଗାଙ୍କ ଦର୍ଶନ ପାଇଁ ହଜାର ହଜାର ଜନସମାଗମ ହୋଇଥିଲା । ମଣ୍ଡପ ଗୁଡିକରେ ଆଜି ଦଶହରା ପୂଜା ଅନୁଷ୍ଠିତ ହେଉଛି । ଦଶହରା ପର୍ବ ଦୁଇ ଦିନ ହେଉଥିବାରୁ ଦୋକାନ ବଜାର ଓ ଗାଡି ଆଦି ପୂଜା ଲୋକେ ଗତକାଲି ମଧ୍ୟାହ୍ନରୁ ଆଜି ମଧ୍ୟାହ୍ନ ଯାଏ ଦୁର୍ଗା ପୂଜା କରିଛନ୍ତି ।

# ବ୍ରହ୍ମପୁର କରଞ୍ଜିଆରେ ବିଜୟା ଦଶମୀ ସାଂସ୍କୃତିକ ମହୋତ୍ସବ: ଓଡ଼ିଶୀ ଓ ଧେମ୍ସା ନୃତ୍ୟରେ ବିଭୋର ହେଲେ ଦର୍ଶକ



ଚମ୍ପୁଆ,୨୩/୧୦(ନି/ପ୍ର):ପବିତ୍ର ଶାରଦୀୟ ଦୁର୍ଗାପୂଜା ଓ ବିଜୟା ଦଶମୀ ଅବସରରେ ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ବି. କରଞ୍ଜିଆ ହାଟ ପଡ଼ିଆଠାରେ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଯୁବ ସମାଜସେବୀ ତଥା ଇଞ୍ଜିନିୟର କେଦାରନାଥ ସାହୁଙ୍କ ପ୍ରାୟୋଜନାରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସମାଜସେବୀ ପ୍ରିୟବ୍ରତ ନାୟକ ଓ କେନ୍ଦୁଝର ବେସରକାରୀ ବସ୍ ମାଲିକ ସଂଘର ସଭାପତି ସିଙ୍ଘାଦ୍ରୀ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ । ଏହି ସାଂସ୍କୃତିକ ସନ୍ଧ୍ୟାରେ ଯାଜପୁର ରୋଡ୍ରୁ ଆସିଥିବା ପ୍ରସିଦ୍ଧ 'ବ୍ୟାସଶ୍ରୀ କଳା ନିକେତନ'ର ନୃତ୍ୟଶିଳ୍ପୀମାନେ ପାରମ୍ପରିକ ଓ ଲୋକନୃତ୍ୟ ପରିବେଷଣ କରିଥିଲେ । ଅନୁଷ୍ଠାନର ପରିଚାଳକ ବାଇଧର ମାଝୀ ଓ ନୃତ୍ୟଗୁରୁ ନାରାୟଣ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟର ବିଭିନ୍ନ ଶୈଳୀ ଯେପରିକି ମାହାରୀ, ଦେବଦାସୀ ଓ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହା ସହିତ ପାରମ୍ପରିକ ଲୋକନୃତ୍ୟ 'ଧେମ୍ସା'ର ତାଳେ ତାଳେ ଶିଳ୍ପୀମାନେ ଉପସ୍ଥିତ ଦର୍ଶକଙ୍କ ମନ ମୋହି ନେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କ ଦ୍ୱାରା ସମସ୍ତ ପ୍ରତିଭାବାନ କଳାକାର ଓ ନୃତ୍ୟଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା । ସ୍ୱର୍ଗତ ଆକୁଳ ସାହୁଙ୍କ ପରିବାର ଓ କେନ୍ଦୁଝରର ସମାଜସେବୀ ବନ୍ଧୁମାନଙ୍କ ମିଳିତ ସହଯୋଗ ଓ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟାରେ କଳାପ୍ରେମୀ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ବେନିଆବନ୍ଧରେ ଅଶୋକ ବିଜୟା ଦଶମୀ ପାଳିତ

ବଲାଙ୍ଗିର,୨୩/୧୦(ନି/ପ୍ର):ସଇଁନ୍ତଲା ବ୍ଲକ ଅନ୍ତର୍ଗତ ବେନିଆବନ୍ଧ ଗ୍ରାମରେ ଚଳିତ ବର୍ଷ ଅତି ଆଡମ୍ବର ଓ ଶ୍ରଦ୍ଧାର ସହିତ ପବିତ୍ର "ଅଶୋକ ବିଜୟା ଦଶମୀ" ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ବୁଦ୍ଧିଷ୍ଟ କମିଟି ଏବଂ ନ୍ୟାସନାଲ ଆଣ୍ଡ ଇଂଟରନ୍ୟାସନାଲ ବୁଦ୍ଧିଷ୍ଟ ସୋସାଇଟି ର ମିଳିତ ଆନୁକୁଲ୍ୟରେ ଏହି ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ସୋସାଇଟିର ରାଜ୍ୟ ସଭାପତି ଧୀମାନ ପ୍ରଶାନ୍ତ ବୁଦ୍ଧ ଏବଂ ସମ୍ମାନିତ ଅତିଥି ଭାବେ ନବୀନ ଭୋଇ, ରଜନୀକାନ୍ତ ବୁଦ୍ଧ, ଦୀପ୍ତି ପ୍ରକାଶ ନନ୍ଦ, ଯଶୋବନ୍ତ ବରିହା ଏବଂ ଦିବାକର ସୁନା ପ୍ରମୁଖ ଯୋଗ ଦେଇ ବୌଦ୍ଧ ସଂସ୍କୃତି ଓ ସମ୍ରାଟ ଅଶୋକଙ୍କ ବିଚାରଧାରା ଉପରେ ଆଲୋକପାତ କରିଥିଲେ ।

# ଓଡ଼ିଶାର ବିରଳ ଭସାଣି: ହଂସୁଆରେ ଚାପ ଖେଳି ବିଦାୟ ନେଲେ ମା'



ରାଜନଗର,୨୩/୧୦(ନି/ପ୍ର): କେନ୍ଦ୍ରାପଡା ରାଜନଗରର ଗଣପର୍ବ ଶାରଦୀୟ ଦୁର୍ଗାପୂଜା ଉତ୍ସାହ ଉଦ୍ଦିପନାର ସହ ଶେଷ ହୋଇଛି । ରାଜନଗର ଦେବୀ ଘରେ ମା' ଦୁର୍ଗାଙ୍କର ଗତକାଲି ଜୟା, ବିଜୟା ଓ ଅପରାଜିତା ପୂଜା ସହିତ ବିସର୍ଜନ ପୂଜା ଅନୁଷ୍ଠିତ ହୋଇଥିଲା । ସମୂହ ପୁଷ୍ପାଞ୍ଜଳି ସହିତ ମା'ଙ୍କ ବିସର୍ଜନ ପୂଜା ସମାପନ ହୋଇଥିଲା । ଆଜି ମା'ଙ୍କୁ ହଂସୁଆ ନଦୀରେ ମେଲାଣି ଦିଆଯାଇଛି । ପରମ୍ପରା ଅନୁଯାୟୀ ଗୋପାଳ ସଂପ୍ରଦାୟର ଲୋକେ ମା'ଙ୍କୁ କାନ୍ଧରେ ବୋହି ରାଜନଗର ବଜାର ପରିକ୍ରମା କରି ହଂସୁଆ ନଦୀ କୂଳରେ ପହଁଚାଇଥିଲେ । ଘଂଟଘଂଟା ଓ ପାରମ୍ପାରିକ ବାଦ୍ୟ ସହିତ ହରିବୋଲ ହୁଳହୁଳି ଧ୍ୱନୀରେ ମା'ଙ୍କୁ ମେଲାଣି ଦିଆଯାଇଛି । ହଂସୁଆ ନଦୀରେ ଥିବା ସୁସଜ୍ଜିତ ନୌକାରେ ମା' ବସି ସାତ ଘେରା ଚାପ ଖେଳିଥିଲେ । ମାଆ ନଦୀରେ ସାତ ଘେରା ଚାପ ଖେଳିବା ପରେ ମେଲାଣି ନେଇଛନ୍ତି । ମା' ଦୁର୍ଗାଙ୍କ ସହିତ ଗଳିଦାଣ୍ଡର ବନଦୁର୍ଗା, ସାନବଡଗୋପାଳପୁରର ମା'ଶାରଳା, ମାଛ ମାର୍କେଟର ମା'ଗଙ୍ଗାମାତା ଓ ପୁରୁଣା ବଜାରର ହରଗୌରୀ, ଘାଟଗଳିର ସାଇବାବାଙ୍କ ମୃଣ୍ମୟ ମୂର୍ତ୍ତିକୁ ସୁସଜ୍ଜିତ ନୌକାରେ ଚାପଖେଳ ମାଧ୍ୟମରେ ମେଲାଣି ଦିଆଯାଇଛି । ସାରା ଓଡିଶାରେ ବିରଳ ଏହି ଜଳପଥରେ ଭଷାଣି ଉତ୍ସବ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା । ନଈ ମଧ୍ୟରେ ଭଜନ କୀର୍ତନ, ପାରମ୍ପାରିକ ବାଦ୍ୟ ସହିତ ମା' ଓ ଦେବାଦେବୀଙ୍କୁ ମେଲାଣି ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ । ଦୀର୍ଘ ୧ କିମି ବ୍ୟାପି ନଈ ମଧ୍ୟରେ ୭ଘେରା ଚାପ ଖେଳିବା ପରେ ମା'ଙ୍କୁ ମେଲାଣି ଦିଆଯାଇଛି ।

# ଗଞ୍ଜାମରେ ୨୨ଟି ଜୁଆ ଆଡ୍ଡାରେ ଚଢ଼ାଉ:

## ୧୧୫ ଜଣ ଗିରଫ, ୨ ଲକ୍ଷ ୮ ହଜାର ୩୪୫ ଟଙ୍କା ଜବତ




ଛତ୍ରପୁର,୨୩/୧୦(ନି/ପ୍ର): ପାର୍ବଣ ଋତୁରେ ଜୁଆ ଖେଳ ଉପରେ ଗଞ୍ଜାମ ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଜିଲ୍ଲାର ବିଭିନ୍ନ ଥାନା ଅଚଂଳରେ ଚଢ଼ାଉ କରି ୨୨ଟି ଜୁଆ ମାମଲା ରୁଜୁ କରାଯାଇଥିବାବେଳେ ମୋଟ ୧୧୫ ଜଣଙ୍କୁ ଗିରଫ କରାଯାଇଛି । ଏନେଇ ଗଞ୍ଜାମ ଏସପି ହରିଶ ବିଶି ସୂଚନା ଦେଇଛନ୍ତି । ପୁଲିସ ପକ୍ଷରୁ ହୋଇଥିବା ଚଢ଼ାଉରେ ଜୁଆ ଖେଳରେ ୨ ଲକ୍ଷ ୮ ହଜାର ୩୪୫ ଟଙ୍କା, ୩୬ଟି ମୋବାଇଲ ଫୋନ୍ ଏବଂ ୧୪ଟି ମୋଟରସାଇକେଲ ଜବତ କରାଯାଇଛି । ଏଥିସହ ବହୁ ପରିମାଣର ତାସ ମଧ୍ୟ ଜବତ ହୋଇଛି । କେ.ଏସ୍.ନଗର, ପୋଲସରା, ଆସିକା, ସୋରଡ଼ା, ବଡ଼ଗଡ଼, ଶେରଗଡ଼, ଧରାକୋଟ, ଗଞ୍ଜାମ, ରମ୍ଭା, ଭଞ୍ଜନଗର, ଗାଙ୍ଗପୁର, ଜେ.ଏନ୍.ପ୍ରସାଦ ଓ ତାରସିଂ ଥାନା ଅଚଂଳରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି । ଜୁଆ ଓ ବେଆଇନ ଗତିବିଧି ବିରୋଧରେ ଆଗାମୀ ଦିନରେ ମଧ୍ୟ ଅଭିଯାନକୁ ଅଧିକ ଜୋରଦାର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## ସଡ଼କ ଦୁର୍ଘଟଣାରେ ଆଖି ବୁଜିଲା କୁନି ଶିଶୁ, ଅନ୍ୟ ୩ ଜଣ ଗୁରୁତର

ମାଲକାନଗିରି,୨୩/୧୦(ନି/ପ୍ର):ଦୁର୍ଗାପୂଜା ଦେଖିବାକୁ ଯାଉଥିବା ବେଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଆଖି ବୁଜିଲା କୁନି ଶିଶୁ । ଅନ୍ୟ ୩ ଜଣ ଗୁରୁତର । ମାଲକାନଗିରି ଜିଲ୍ଲା କାଲିମେଳାରେ ଅଟୋକୁ ପିଟିଲା କଣ୍ଟେନର୍ । ଏଥିରେ ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ଘଟିଛି । ଏଥିସହ ୩ ଜଣ ମହିଳା ଗୁରୁତର ହୋଇଛନ୍ତି । କାଲିମେଳା ପୁଲିସ ଚେକ୍ ପୋଷ୍ଟ ନିକଟରେ ଘଟିଛି ଦୁର୍ଘଟଣା ।ମଙ୍ଗଳବାର ରାତିରେ ଦୁର୍ଗା ପୂଜା ଦେଖିବାକୁ କାଲିମେଳାରୁ ପରିବାରଲୋକେ ଏମ୍ପି-୬୪କୁ ଯାଉଥିଲେ ।

# ପ୍ରସିଦ୍ଧ ଅପରାଜିତା ପୂଜା ସହ ରାବଣ ପୋଡି କାଯ୍ୟକ୍ରମ

ଜୟପୁର,୨୩/୧୦(ନି/ପ୍ର): ଜୟପୁର ଦଶହରା ରେ ଅପରାଜିତା ପୁଜା ସହ ରାବଣ ପୋଡି କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପରି ମଧ୍ୟ ଜୟପୁର ଦଶହରା ପଡିଆରେ ରାବଣ ପୋଡି, ଆତସବାଜୀ କାଯ୍ୟକ୍ରମ ସହ ଅପରାଜିତା ପୁସ୍ତକ ଲୋକାର୍ପଣ ହୋଇଛି । ଏହି ଲୋକାର୍ପଣ କାଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହନିପତିଙ୍କ ସଭାପିତିତ୍ୱରେ ଆୟୋଜିତ କାଯ୍ୟକ୍ରମରେ ମହାରାଣି ସାରିକା ଦେବି , କୋରାପୁଟ ଏସପି ରୋହିତ ବର୍ମା, ଉପ ଜିଲାପାଳ ସୁଭ୍ରା ପଣ୍ଡା, ଏସଡିପିଓ ଅଚ୍ଚିତା ମିନ୍ନଲ , ଡିଏଫଓ ପ୍ରଶାନ୍ତ ପଟେଲ, ଦେବୋନ୍ନର ଉପଦେଷ୍ଟା କମିଟି ସଭାପତି ଦେବେନ୍ଦ୍ର ବାହନପତି, ତହସିଲଦାର ସବ୍ୟ ସାଚି ଜେନା, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ହଜାର ହଜାର ଲୋକଙ୍କ ଉପସ୍ଥିତି ରେ ରାବଣ ପୋଡି ସହ ଆତସବାଜୀ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶାନ୍ତି ଶୃଙ୍ଖଳା ପାଇ ପୋଲିସ ମୁତୟନ ହୋଇଥିଲେ । ଆତସବାଜୀ କାଯ୍ୟକ୍ରମରେ ସହର ମୁଖରିତ ହୋଇ ପଡିଥିଲା । ପାରମ୍ପରିକ ରୀତି ନୀତି ଅନୁସାରେ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଜୟପୁରର ଇତିହାସ ପ୍ରସିଦ୍ଧ ଅପରାଜିତା ପୂଜା ସମାପ୍ତ ହୋଇଯାଇଛି । ଭୋର ବେଳକୁ ଏହି ପୂଜା ଜୟପୁର ଦଶହରା ପଡ଼ିଆ ଠାରେ ସମାପନ ହୋଇଛି । ପ୍ରଶାସନର ନିଷ୍ପତି ଅନୁଯାୟୀ ଅପରାଜିତା ପୁଜାରେ ଅଧିଷ୍ଠାତ୍ରୀ ମା ଦକ୍ଷିଣ କାଳିକା, ଅଧିଷ୍ଠାତ୍ରୀ ମା ଭଗବତି, ମା ବସନ୍ତାୟୀ , କନକ ଦୁର୍ଗା ଙ୍କ ବିମାନ ବାହାରି ଜୟପୁର ଦଶହରା ପଡିଆରେ ପହଂଚିଥିଲା । ବାଜା, ନାଚ, ଗୀତ ବାଣ ଫୁଟାଇ ବିରାଟ ପଟୁଆରରେ ୪ଟି ବିମାନକୁ ଦଶହରା ପଡିଆକୁ ନିଆଯାଇଥିଲା । ଦଶହରା ପଡିଆରେ ୪ଟି ଅସ୍ଥାୟି ମଣ୍ଡପ କରାଯାଇ ମା'ଙ୍କ ଅପରାଜିତା ପୁଜା କରାଯାଇଥିଲା । ଏହା ସହ ରଜାନହର ଠାରେ ବସାଯାଇଥିବା ମୃଣୟ ମୁର୍ତ୍ତିକୁ ମଧ୍ୟ ମେଲାଣି ଦିଆଯାଇଥିଲା । କଡା ସୁରକ୍ଷା ବଳୟରେ ଅପରାଜିତା ପୁଜା ରେ ହୋମ, ଯଜ୍ଞ ରେ ଭୋଗ, ରାଗ ଦ୍ୱାରା ଅପରାଜିତା ପୂଜା ଅନୁଷ୍ଠିତ କରାଯାଇ ଜୟପୁର ଐତିହାସିକ ଦଶହରା ଶେଷ ହୋଇଛି । ଏଠାରେ ଜୟପୁ ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ରାଷ୍ଟ୍ର ମଙ୍ଗଳ ପାଇ ପାର୍ଥନା ପୂଜା ପାଠ କରିଥିଲେ । ପ୍ରଚଳିତ ପ୍ରଥା ଅନୁସାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦେବୀ ପୀଠରୁ ଆସିଥିବା ଲାଠି ଗୁଡ଼ିକ ବାଙ୍କମଠ ଠାରୁ ବିଶାଳ ଶୋଭାଯାତ୍ରା ରେ ବାହାରିଥିବା ବେଳେ ମାଁଙ୍କ ପ୍ରତିକ ଲାଠିଧାରି ଆସି ଦଶହରାରେ ସାମିଲ ହୋଇ ଜୟପୁର ବାସିଙ୍କୁ ଆଶିବାଦ କରିଥିଲେ । ଅଧିଷ୍ଠାତ୍ରୀ ମା ଙ୍କ ଶୋଭାଯାତ୍ରା ରେ ବାଜା ବାଣ, ନାଚ ଗୀତ ଡେନ୍ସ ବିଭିନ୍ନ ଆଦିବାସୀ ନାଚ ପାରମ୍ପାରିକ ବାଦ୍ୟ ରେ ଜୟପୁର ଦଶହରା ଶେଷ ହୋଇଛି ।

# ରାଜ ଉଆସରେ ଦଶହରା

ଜୟପୁର,୨୩/୧୦(ନି/ପ୍ର): ଜୟପୁର ସହରରେ ରାଜ ଉଆସରେ ଦଶହରା ପାଳନ କରାଯାଇଛି । ଧିରେ ଧିରେ ସମସ୍ତ ପରମ୍ପରା ଲୋପ ପାାଇଯାଇଥିବା ବେଳେ ପୁଣି ଉଜବିତ କରିଛନ୍ତି ରାଜ ପରିବାର । ଦଶହରା ରେ ରାଜ ମହଲରେ ମଙ୍ଗଳବାର ଲାଠି ପୁଜା ରାଜ ରୁଜୁଡା ଅମଳର ପରମ୍ପରା ରେ ଦଶହରା ପାଳନ କରାଯାଇଛି । ଯୁବ ରାଜ ବିଶ୍ୱେଶ୍ୱର ଚନ୍ଦ୍ର ଚୁଡ ଦେବ ଦଶହରା ଦିନ ରାଜ ଉଆସରେ ଥିବା ଅଧିଷ୍ଠାତ୍ରୀ ମା କନକ ଦୁର୍ଗା ଙ୍କ ନିକଟରେ ପୁଜା ପାଠ କରିଛନ୍ତି । ଏହା ସହ ଲାଠି ଧାରିଙ୍କୁ ପୂଜା କରିଛନ୍ତି । ଗଜପତି ପୁରୁଷୋତ୍ତମ ଦେବଙ୍କ କାଂଚି ଅଭିଯାନ ସମୟରେ ଜୟପୁର ରାଜ୍ୟର ସୁର୍ଯ୍ୟବଂଶୀ ରାଜା ବିଜୟ ଚନ୍ଦ୍ରାକ୍ଷ ଦେବ ତାଙ୍କୁ ସାହାଯ୍ୟ କରିଥିଲେ । ବିଜୟ ପରେ ଗଜପତି ରାଜା କାଂଚିରୁ ଆଣିଥିବା କନକ ଦୁର୍ଗାଙ୍କ ମୁର୍ତ୍ତି କୁ ଉପହାର ସ୍ୱରୁପ ଜୟପୁର ରାଜାଙ୍କୁ ଭେଟି ଦେଇଥିଲେ । ପରେ କନକ ଦୁର୍ଗା ଜୟପୁର ରାଜବଂଶର ଇଷ୍ଟଦେବି ଭାବେ ପୁଜା ପାଇଲେ । ୧୭୫୮ ଖ୍ରୀଷ୍ଟାବ୍ଦରେ ବିକ୍ରମଦେବ-୧ ଜୟପୁର ରାଜଧାନୀ ନନ୍ଦପୁର ଠାରୁ ଜୟପୁରକୁ ଉଠାଇ ଆଣିଲେ ।ଏଥିସହ ଜୟପୁର ରାଜପ୍ରସାଦର ଉତ୍ତର ପର୍ଶ୍ଚିମ କୋଣରେ ଏକ ମନ୍ଦିର ନିର୍ମାଣ କରି ଦେବୀ କନକଦୁର୍ଗାଙ୍କୁ ପ୍ରତିଷ୍ଠା କରାଇଥିଲେ । ଏହି ସ୍ମୃତିର ପ୍ରତୀକ ସ୍ୱରୁପ ଦଶହରା ପବ ଧୁମଧାମରେ କରାଯାଉଥିଲା । ସେବେ ଠାରୁ ଏଠାରେ ଦଶହରା ପବ ୧୬ ଦିନ ବ୍ୟାପି ପାଳନ କରାଯାଉଛି । ଧିରେ ଧିରେ ସେହି ପରମ୍ପରା ଲୋପ ପାଇଯାଇଥିବା ବେଳେ ଦଶହରା ଉପଲକ୍ଷେ ବିଭିନ୍ନ ଅଂଚଳରୁ ଆସିଥିବା ମା'ଙ୍କ ପ୍ରତିକ ଲାଠି ଙ୍କୁ ପୁଜା କରାଯାଇଥିବା ବେଳେ ଆଦିବାସୀ ନାଚ ଗୀତ ସହ ଅସ୍ତ୍ର, ଶସ୍ତ୍ର ର ପୁଜା କରାଯାଇଛି । ରାଜାଙ୍କ ଅସ୍ତ୍ରାଗାରର ସମସ୍ତ ଅସ୍ତ୍ରଶସ୍ତ୍ର ପୁଜା କରାଯାଇଥିଲା । ପ୍ରସିଦ୍ଧ ଜୟପୁର ଦଶହରା ପୁଜାରେ ଆନ୍ୟତମ ଆକର୍ଷଣ ଲାଠିପୁଜା ଲାଠି ଧାରି ମାନେ ରାଜ ଉଆସେ ଯାଇ ପହଂଚି ଥିବା ବେଳେ ରାଜ ପରିବାର ତରଫରୁ ସ୍ୱାଗତ କରାଯାଇଥିଲା । ନାଚ, ଗୀତ ଶଙ୍ଖ ହୁଳ ହୁଳି ରେ ରାଜ ଉଆସ ପ୍ରକମ୍ପିତ ହୋଇଥିବା ବେଳ ସେହି ହାତି ଘୋଡା ନାହିଁ କିନ୍ତୁ ପରମ୍ପରା କୁ ବଂଚାଇବାକୁ ଯାଇ ରାଜ ଉଆସରେ ଦଶହରା ପାଳନ କରାଯାଇଛି ।

# ବିବିଧା



## ହନୁମାନ ବଞ୍ଚାଇଦେଲେ ମୋ ଜୀବନ: ଟାଇଗର

ବଲିଉଡ୍ ଅଭିନେତା ଟାଇଗର ଶ୍ରଫଙ୍କ କାର୍ ଉପରେ ଗୁଳିମାଡ଼ ଘଟଣା ପରେ ବଲିଉଡରେ ସମସ୍ତଙ୍କ ଚିନ୍ତା ବଢିଯାଇଛି । ଏହି ଘଟଣା ପରେ ଟାଇଗରଙ୍କ ମାଆ ଆୟେଶା ଶ୍ରଫଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟ କରିଛନ୍ତି । ଭଗବାନ ହନୁମାନଙ୍କ ପ୍ରତି ନିଜର ଆସ୍ଥା ପ୍ରକାଶ କରି ଆୟେଶା ଏକ ଫଟୋ ସେୟାର କରିଛନ୍ତି । ଏଥିରେ ଟାଇଗରଙ୍କ କାରର ଡ୍ୟାସବୋର୍ଡ ଉପରେ ରଖାଯାଇଥିବା ହନୁମାନ ଚାଳିଶା ବହି ଦେଖିବାକୁ ମିଳିଛି । ଆୟେଶା ଶ୍ରଫ୍ ନିଜ ଇନଷ୍ଟାଗ୍ରାମ ଷ୍ଟୋରିରେ ଏହି ଫଟୋ ସେୟାର କରିଛନ୍ତି । ଫଟୋରେ ଟାଇଗରଙ୍କ କାରର ଡ୍ୟାସବୋର୍ଡ ଉପରେ ହନୁମାନ ଚାଳିଶା ରଖାଯାଇଥିବା ଦେଖିବାକୁ ମିଳିଛି । ଆଉ ବଜରଙ୍ଗବାଲି ତାଙ୍କ ଜୀବନ ବଞ୍ଚାଇଦେଇଥିବା କହିଛନ୍ତି। ସୋସିଆଲ ମିଡିଆରେ ଏବେ ଫଟୋ ଭାଇରାଲ ହେବାରେ ଲାଗିଛି । ଏହାକୁ ନେଇ ପ୍ରଶଂସକ ବିଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଟାଇଗର ଶ୍ରଫଙ୍କ କାର୍ ଉପରେ ଗୁଳିମାଡ଼ ଘଟଣାର ତଦନ୍ତ ଜାରି ରହିଛି ।

## ସକାଳ ଜଳଖିଆରେ ଖାଆନ୍ତୁ ଚୁଡ଼ା

ଚୁଡ଼ା ଆମ ଓଡ଼ିଆ ଘରର ଏକ ପ୍ରିୟ ଖାଦ୍ୟ। ସକାଳ ଜଳଖିଆ ହେଉ କି ସନ୍ଧ୍ୟାର ଜଳଖିଆ, ଚୁଡ଼ାକୁ ଅନେକ ଲୋକ ପସନ୍ଦ କରନ୍ତି। ଚୁଡ଼ା ସହ କଦଳୀ, ଗୁଡ଼ ଓ ଟିକିଏ ଦହି ମିଶାଇ ଖାଇଲେ ଏହା ସ୍ୱାଦିଷ୍ଟ ଲାଗିବା ସହ ଶରୀରକୁ ଶକ୍ତି ମଧ୍ୟ ଦେଇଥାଏ । ଏଥିସହ ଚୁଡା ନିଦା ଖାଦ୍ୟ । ଯାହା ବହୁତ ସମୟ ଧରି ପେଟକୁ ପୂର୍ଣ୍ଣ କରି ରଖିଥାଏ । ଫଳରେ ଭୋକ କମ୍ ହୋଇଥାଏ । ତେବେ ଆସନ୍ତୁ ଏହା କ'ଣ ସବୁ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରିଥାଏ, ସେ ସମ୍ପର୍କରେ ଅଧିକ ଜାଣିବା....

ଏନର୍ଜି ବଢାଏ: ଦିନର ଏକ ଭଲ ଆରମ୍ଭ କରିବା ପାଇଁ ଚୁଡା ଏକ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଖାଦ୍ୟ ବିକଳ୍ପ । ଚୁଡାରେ ଥିବା କାର୍ବୋହାଇଡ୍ରେଟ୍ ଶରୀରକୁ ପ୍ରଚୁର ଶକ୍ତି ଯୋଗାଇବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିବାକୁ ଦେଇନଥାଏ । କାର୍ବୋହାଇଡ୍ରେଟ୍?ର ଅଭାବ ହେତୁ ବ୍ୟକ୍ତିଙ୍କୁ ବାରମ୍ବାର ଥକ୍କା ଲାଗିବା ଓ ଶରୀରରେ ଶକ୍ତିର ଅଭାବ ଅନୁଭବ ହୋଇପାରେ । ତେଣୁ ଚୁଡା ଖାଇବା ଦ୍ୱାରା ଏହି ସମସ୍ୟାରେ କିଛି ମାତ୍ରାରେ ଉପକାର ମିଳିପାରେ ।

ମୋଟାପଣ ଦୂର କରେ: ଶରୀରକୁ ସୁସ୍ଥ ଓ ସୁଗଠିତ ରଖିବା ପାଇଁ ଚୁଡା ଖାଇବା ଲାଭଦାୟକ ହୋଇପାରେ । ଚୁଡାରେ କ୍ୟାଲୋରିର ପରିମାଣ ତୁଳନାତ୍ମକ ଭାବେ କମ୍ ଥିବାବେଳେ ଏଥିରେ କେତେକ ଆବଶ୍ୟକୀୟ ପୋଷକତତ୍ତ୍ୱ ରହିଛି । ଯଦି ଆପଣ ଦିନର ଆରମ୍ଭ ଚୁଡା ଖାଇ କରନ୍ତି, ତେବେ ଏହା ସନ୍ତୁଳିତ ଖାଦ୍ୟର ଏକ ଅଂଶ ଭାବେ କାମ କରିବା ସହ ଓଜନ ନିୟନ୍ତ୍ରଣରେ ସହାୟକ ହୋଇପାରେ ।

ପେଟକୁ ସୁସ୍ଥ ରଖେ: ଚୁଡାରେ ଥିବା ଫାଇବର୍ ପାଚନକ୍ରିୟାକୁ ସୁସ୍ଥ ରଖିବାରେ ସହାୟତା କରେ । ଏହା ଶରୀରରେ ଧୀରେ ଧୀରେ ହଜମ ହୋଇ ଶକ୍ତି ଯୋଗାଇଥାଏ । ଏହା ସହିତ ଚୁଡାରେ ପନିପରିବା ମିଶାଇ ଖାଇବା ଦ୍ୱାରା ଖାଦ୍ୟରେ ଫାଇବର୍?ର ପରିମାଣ ଆହୁରି ବଢ଼ିଯାଇଥାଏ । ଯାହା ଅନ୍ତନଳୀ ଓ ପାଚନତନ୍ତ୍ରର ସ୍ୱାସ୍ଥ୍ୟ ବଜାୟ ରଖିବାରେ ସହାୟକ ହୁଏ ।

ମଧୁମେହ ପାଇଁ ଉପକାରୀ: ଯେକୌଣସି ଖାଦ୍ୟ ଖାଇବା ପୂର୍ବରୁ ମଧୁମେହ ରୋଗୀମାନେ ଚିନ୍ତା କରନ୍ତି । ହୁଏତ ଏହା ରକ୍ତରେ ଶର୍କରାର ସ୍ତର ବଢ଼ାଇଦେବ କି ନାହିଁ । ତେଣୁ ଏପରି ସ୍ଥିତିରେ ଚୁଡାକୁ ସନ୍ତୁଳିତ ଜଳଖିଆର ଏକ ଅଂଶ ଭାବେ ଗ୍ରହଣ କରାଯାଇପାରେ । ଚୁଡା ପ୍ରସ୍ତୁତ କରିବା ସମୟରେ କମ୍ ତେଲ ଓ ଅଧିକ ପରିମାଣରେ ସବୁଜ ପନିପରିବା ବ୍ୟବହାର କରନ୍ତୁ ।



## ଅନୁତାପ କରୁଛନ୍ତି ନେହା

ଆମେ ନିଜେ ନେଇଥିବା ନିଷ୍ପତ୍ତି ପାଇଁ ବେଳେବେଳେ ପଶ୍ଚାତାପ କରୁ। ଏପରି ଏକ ପରିସ୍ଥିତିର ସାମ୍ନା କରିଛନ୍ତି ବଲିଉଡ୍ ଅଭିନେତ୍ରୀ ନେହା ଧୂପିଆ। ଅନେକ ସିନେମାରେ ନିଜ ଅଭିନୟରେ ଦର୍ଶକଙ୍କ ମନ ଜିଣିଥିବା ନେହା ତାଙ୍କ ହାତକୁ ଆସିଥିବା ଦୁଇଟି ବଡ଼ ଅଭିନୟ ସୁଯୋଗ ହାତଛଡ଼ା କରିଥିବା ନେଇ ଏବେ ଅନୁତାପ କରୁଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି ଶାହରୁଖ ଖାଁଙ୍କ ଲୋକପ୍ରିୟ ଫିଲ୍ମ 'ଚକ୍ ଦେ ଇଣ୍ଡିଆ'। ନିକଟରେ ନିଜ ଚାଟ୍ ସୋ' 'ଡବଲ୍ ଡେଟ୍'ରେ ନେହା ଏହି କଥା ସ୍ୱୀକାର କରିଛନ୍ତି। ସେ ସବୁବେଳେ ଏକ ଭଲ କ୍ରୀଡ଼ାଭିତ୍ତିକ ଫିଲ୍ମରେ କାମ କରିବାକୁ ଚାହୁଁଥିଲେ। ହେଲେ, 'ଚକ୍ ଦେ ଇଣ୍ଡିଆ'ରେ ଅଭିନୟ କରିବାର ସୁଯୋଗ ମିଳିଥିଲେ ମଧ୍ୟ ସେ ଏହାକୁ ଗ୍ରହଣ କରି ନଥିଲେ। ଏହି ନିଷ୍ପତ୍ତି ପାଇଁ ଆଜି ବି ସେ ଅନୁତାପ କରୁଛନ୍ତି। ସେହିପରି ଦ୍ୱିତୀୟ ସୁଯୋଗଟି ଥିଲା ୱେବ୍ ସିରିଜ୍ 'ଅପରେସନ୍ ସଫେଦ ସାଗର'। ଏହି ଦୁଇଟି ପ୍ରୋଜେକ୍ଟ ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ଼ ଦେଇପାରିଥାନ୍ତା ବୋଲି ନେହା ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୭ରେ ମୁକ୍ତିଲାଭ କରିଥିବା 'ଚକ୍ ଦେ ଇଣ୍ଡିଆ'ରେ ଶାହରୁଖ ଖାଁ ଭାରତୀୟ ମହିଳା ହକି ଦଳର ପ୍ରଶିକ୍ଷକ କବୀର ଖାଁ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମଟି ଦର୍ଶକଙ୍କ ସହ ସମାଲୋଚକଙ୍କଠାରୁ ମଧ୍ୟ ବେଶ୍ ପ୍ରଶଂସା ସାଉଁଟିଥିଲା। ଅନ୍ୟପକ୍ଷରେ, ୨୦୨୬ର 'ଅପରେସନ୍ ସଫେଦ ସାଗର: ଦ ଅନ୍ ଟୋଲ୍ଡ ଷ୍ଟୋରି ଅଫ୍ କାର୍ଗିଲ୍ ୱାର୍' ହେଉଛି ୧୯୯୯ର କାର୍ଗିଲ୍ ଯୁଦ୍ଧ ସମୟରେ ଭାରତୀୟ ବାୟୁସେନାର ଭୂମିକାକୁ ନେଇ ନିର୍ମିତ ଏକ ୱେବ୍ ସିରିଜ୍। ଏଥିରେ ସିଦ୍ଧାର୍ଥ, ଜିମି ଶେରଗିଲ୍ ଓ ଦିୟା ମିର୍ଜାଙ୍କ ଭଳି କଳାକାର ଅଭିନୟ କରିଛନ୍ତି।

## ଘରେ ବନାନ୍ତୁ କଞ୍ଚା ହଳଦୀ ଆଚାର



ଶରୀର ପାଇଁ ଉପକାରୀ କଞ୍ଚା ହଳଦୀ। ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଏବଂ ଗଣ୍ଠି ଯନ୍ତ୍ରଣା ଦୂର କରିବାରେ ହଳଦୀ ଅତ୍ୟନ୍ତ ଲାଭଦାୟକ। ସାଧାରଣତଃ ଆଚାର ପ୍ରସ୍ତୁତ କରିବା ସମୟରେ ବହୁ ପରିମାଣର ତେଲ ଏବଂ ମସଲା ବ୍ୟବହାର କରାଯାଏ, କିନ୍ତୁ ଆଜି ଆମେ ଆପଣଙ୍କ ପାଇଁ ଏପରି ଏକ ସ୍ୱାସ୍ଥ୍ୟକର ରେସିପି ନେଇଆସିଛୁ, ଯେଉଁଥିରେ ଆପଣ ବିନା ତେଲ ଏବଂ ବିନା ମସଲାରେ ସୁସ୍ୱାଦୁ କଞ୍ଚା ହଳଦୀର ଆଚାର ପ୍ରସ୍ତୁତ କରିପାରିବେ। ଏହା ମାସ ମାସ ପର୍ଯ୍ୟନ୍ତ ଖରାପ ହୁଏ ନାହିଁ।

### ଆଚାର ପାଇଁ ଆବଶ୍ୟକୀୟ ସାମଗ୍ରୀ

କଞ୍ଚା ହଳଦୀ: ୨୫୦ ଗ୍ରାମ
ଲେମ୍ବୁ ରସ: ୩ରୁ ୪ଟି ବଡ଼ ଲେମ୍ବୁର ରସ
ଅଦା: ୫୦ ଗ୍ରାମ
ଲୁଣ: ସ୍ୱାଦ ଅନୁସାରେ
କଞ୍ଚାଲଙ୍କା : ୪-୫ଟି

### ପ୍ରସ୍ତୁତି ପ୍ରଣାଳୀ

ପରିଷ୍କାର କରିବା: ସବୁଠୁ ପ୍ରଥମେ କଞ୍ଚା ହଳଦୀ ଏବଂ ଅଦାକୁ ପାଣିରେ ଭଲ ଭାବରେ ଧୋଇ ନିଅନ୍ତୁ, ଯେପରି ସେଥିରେ କୌଣସି ମାଟି ନରହେ। ଏହାପରେ ଏହାକୁ ଭଲ ଭାବରେ ଶୁଖାଇ ନିଅନ୍ତୁ ।

କାଟିବା: ହଳଦୀ ଏବଂ ଅଦାକୁ ଲମ୍ବା କିମ୍ବା ଛୋଟ ଛୋଟ ଖଣ୍ଡରେ କାଟି ଦିଅନ୍ତୁ।

ମିଶ୍ରଣ ପ୍ରସ୍ତୁତି: ଏକ ପରିଷ୍କାର ଏବଂ ଶୁଖିଲା କାଚ ଜାର ମଧ୍ୟରେ କଟା ହଳଦୀ, ଅଦା ଏବଂ କଞ୍ଚାଲଙ୍କାକୁ ରଖନ୍ତୁ।

ଲେମ୍ବୁ ରସ ଏବଂ ଲୁଣ ମିଶ୍ରଣ: ସେଥିରେ ସ୍ୱାଦାନୁସାରେ ଲୁଣ ଏବଂ ପର୍ଯ୍ୟାପ୍ତ ପରିମାଣରେ ଲେମ୍ବୁ ରସ ମିଶାନ୍ତୁ। ଲେମ୍ବୁ ରସ ଏପରି ପରିମାଣରେ ରହିବା ଦରକାର ଯେପରି ହଳଦୀ ଖଣ୍ଡଗୁଡ଼ିକ ସେଥିରେ ସମ୍ପୂର୍ଣ୍ଣ ବୁଡ଼ି ରହିବ।

ଜାର୍ ର ଢାଙ୍କୁଣୀ ବନ୍ଦ କରି ଏହାକୁ ୩ରୁ ୬ ଦିନ ପର୍ଯ୍ୟନ୍ତ ଫ୍ରିଜ୍ ମଧ୍ୟରେ ରଖନ୍ତୁ। ପ୍ରତିଦିନ ଜାର୍ କୁ ଥରେ ହଲାଇ ଦିଅନ୍ତୁ ଯେପରି ଲେମ୍ବୁ ରସ ସବୁଆଡ଼େ ସମାନ ଭାବରେ ମିଶିଯିବ।

ଏହି ଆଚାରକୁ ସାଧାରଣ ତାପମାତ୍ରାରେ ନ ରଖି ସର୍ବଦା ଫ୍ରିଜରେ ସଂରକ୍ଷଣ କରନ୍ତୁ। ଏହା ଦ୍ୱାରା ଏହା ୨ ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରହିଥାଏ। ଆଚାର କାଢ଼ିବା ପାଇଁ ସବୁବେଳେ ଏକ ଶୁଖିଲା ଚାମଚ ବ୍ୟବହାର କରନ୍ତୁ।





## ଦ୍ୱିତୀୟ କନ୍ୟାର ନାମ 'ଦେବୀ' ଦେଲେ ଦୀପିକା

ବଲିଉଡ୍ର ଲୋକପ୍ରିୟ ଯୋଡ଼ି ଦୀପିକା ପାଦୁକୋନ ଓ ରଣବୀର ସିଂ । ନିଜର ଦ୍ୱିତୀୟ କନ୍ୟାର ନାମ ଘୋଷଣା କରିବା ସହ ସାନ ଝିଅର ପ୍ରଥମ ଝଲକ ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି ଏହି ଷ୍ଟାର୍ ଦମ୍ପତି । ତେବେ ଝିଅର ନାମ 'ଦେବୀ' ରଖାଯିବା ପରେ ଚର୍ଚ୍ଚାକୁ ଆସିଛନ୍ତି ଅଭିନେତ୍ରୀ ବିପାଶା ବସୁ । କାରଣ ବିପାଶାଙ୍କ ଝିଅଙ୍କ ନାମ ମଧ୍ୟ ଦେବୀ । ଦୀପିକାଙ୍କ ପୋଷ୍ଟରେ ବିପାଶାଙ୍କ ପ୍ରଥମ କମେଣ୍ଟ ଏବେ ସୋସିଆଲ୍ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଦୀପିକା ପାଦୁକୋନ ଓ ରଣବୀର ସିଂଙ୍କ ପରିବାରକୁ ଆସିଛି ନୂଆ ଖୁସି । ଦଶହରାର ଶୁଭ ଅବସରରେ ଦୁହେଁ ନିଜର ଦ୍ୱିତୀୟ କନ୍ୟାର ନାମ 'ଦେବୀ ପାଦୁକୋନ ସିଂ' ରଖିଥିବା ଘୋଷଣା କରିଥିଲେ। ଏଥିସହ ଇନଷ୍ଟାଗ୍ରାମରେ ଦୁଇ ଝିଅଙ୍କ ସହ ଏକ ସୁନ୍ଦର ପାରିବାରିକ ଫଟୋ ମଧ୍ୟ ସେୟାର କରିଛନ୍ତି । ଫଟୋରେ ଦୀପିକା ସୁନେଲି ରଙ୍ଗର ପାରମ୍ପରିକ ପୋଷାକ ପିନ୍ଧି ସାନ ଝିଅକୁ କୋଳରେ ଧରିଥିବା ବେଳେ ପାଖରେ ରହିଛନ୍ତି ରଣବୀର ଓ ବଡ଼ ଝିଅ ଦୁଆ । ସାନ ଭଉଣୀ ପ୍ରତି ଦୁଆଙ୍କ ସ୍ନେହ ଓ ଭଲପାଇବା ଫଟୋରେ ସ୍ପଷ୍ଟ ଦେଖିବାକୁ ମିଳିଛି । ପୋଷ୍ଟର କ୍ୟାପସନରେ ଦମ୍ପତି ନିଜ ଝିଅର ନାମ ଘୋଷଣା କରିବା ସହ ପ୍ରେମ ଓ ସମୃଦ୍ଧିର ବାର୍ତ୍ତା ଦେଇଛନ୍ତି । ତେବେ ଏହି ପୋଷ୍ଟ ପରେ ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି ବିପାଶା ବସୁଙ୍କ ପ୍ରତିକ୍ରିୟାକୁ ନେଇ । ଦୀପିକାଙ୍କ ପୋଷ୍ଟରେ କମେଣ୍ଟ କରି ବିପାଶା ପ୍ରଥମେ ଲେଖିଥିଲେ, 'ତେବେ ତୁମେ ମୋତେ ଏ ବିଷୟରେ ଯେତେବେଳେ କହିଥିଲ, ସେତେବେଳେ ତୁମେ ସତରେ ଗମ୍ଭୀର ଥିଲ' କିନ୍ତୁ କିଛି ମିନିଟ୍ ପରେ ସେ ନିଜ କମେଣ୍ଟକୁ ଏଡିଟ୍ କରି କେବଳ 'ଦେବୀ' ଲେଖିବା ସହ ହୃଦୟ ଇମୋଜି ଯୋଡ଼ିଥିଲେ। ଉଲ୍ଲେଖଯୋଗ୍ୟ, ବିପାଶା ବସୁ ଓ କରଣ ସିଂ ଗ୍ରୋଭରଙ୍କ ଝିଅଙ୍କ ନାମ ମଧ୍ୟ ଦେବୀ । ତେଣୁ ଦୁଇ ଅଭିନେତ୍ରୀଙ୍କ ଝିଅଙ୍କ ନାମ ସମାନ ହେବା ଘଟଣାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ତେବେ ଦୀପିକା ଓ ବିପାଶାଙ୍କ ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ ହୋଇଥିବା କଥାବାର୍ତ୍ତାର ସମ୍ପୂର୍ଣ୍ଣ ବିବରଣୀ ସାମ୍ନାକୁ ଆସିନାହିଁ ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶନିବାର ୨୪ ଅକ୍ଟୋବର ୨୦୨୬**

## ସୁସ୍ଥ ସମାଜ ପାଇଁ ମନୁଷ୍ୟର ଅଧିକାର

ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ । ସମଗ୍ର ବିଶ୍ୱରେ ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପରିଚିତ । ଦିନକୁ ଦିନ ଭାରତ ବିଶ୍ୱ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଂଚିଥିବାବେଳେ ଭାରତର ନ୍ୟାୟ ପାଳିକା ମଧ୍ୟ ଅତ୍ୟନ୍ତ ସୁଦୃଢ଼ । ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ ରଖିଛନ୍ତି ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ । ବାସ୍ତବରେ ଅଭାବୀଙ୍କ ସେବା ଠାରୁ କିଛି ବଡ଼ ନାହିଁ । ସୁସ୍ଥ ସମାଜରେ ବଂଚିବା ପାଇଁ ପ୍ରତିଟି ମଣିଷର ସମ୍ବିଧାନ ପ୍ରଦତ ନୀତିଗତ ଅଧିକାର ରହିଛି । ଆସନ୍ତୁ ଏହି ଅଧିକାର ସମ୍ପର୍କିତ ଛୋଟିଆ ଆଲୋଚନାଟି ରଖିବା । ସ୍ୱାଧୀନତା, ସମାନତା ଓ ସୁରକ୍ଷାର ଅଧିକାର : ଦୁନିଆର ପ୍ରତି ବ୍ୟକ୍ତି ସମ୍ମାନ ଓ ଅଧିକାର ମାମଲାରେ ସ୍ୱାଧୀନ ଓ ସମାନ । ପ୍ରତ୍ୟେକ ବ୍ୟକ୍ତିଙ୍କୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି । ଏଥିରେ ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ବିଚାର, ରାଷ୍ଟ୍ରୀୟତା, ସମ୍ପତି, ସମାଜ ଆଦି ବିଷୟକୁ ନେଇ କୌଣସି ଭେଦଭାବ କରିହେବନାହିଁ । ପ୍ରତି ମନୁଷ୍ୟର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି । ଆଇନ ଆଗରେ ସମସ୍ତେ ସମାନ । ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷାର ସମାନ ଅଧିକାର ଅଛି । ପ୍ରତାଡ଼ନା ଓ କ୍ରୂରତାରୁ ସ୍ୱାଧୀନତାର ଅଧିକାର : ପ୍ରତି ବ୍ୟକ୍ତିର ଯନ୍ତ୍ରଣା ପ୍ରତାଡ଼ନା ଓ କ୍ରୂରତାରୁ ମୁକ୍ତ ହେବାର ଅଧିକାର ରହିଛି । ଦୁନିଆର ଯେ କୌଣସି ଅଂଶରେ ଥିବା ଯେ କୌଣସି ମଣିଷର ପ୍ରଥମ ପରିଚୟ ସେ ଜଣେ ମଣିଷ । ଏହାପରେ ହିଁ ଆଇନ ଆସିପାରେ । କୌଣସି ମଣିଷକୁ ଗୁଲାମୀ ବା ଦାସତ୍ୱରେ ରଖିହେବ ନାହିଁ । ଯେ କୌଣସି ପ୍ରକାର ଦାସତ୍ୱ ପ୍ରଥା ଉପରେ ମଧ୍ୟ କଟକଣା ରହିଛି । ଅଦାଲତ ଦୋଷୀ କହିବା ପୂର୍ବରୁ ନିର୍ଦ୍ଦୋଷ : ଯେ କୌଣସି ଅଧିକାରରୁ ବଂଚିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ନିମନ୍ତେ ସଂପୂର୍ଣ୍ଣ ଅଧିକାର ରହିଛି । କୌଣସି ବ୍ୟକ୍ତିଙ୍କୁ ମନଇଛା ଗିରଫ, ନଜରବନ୍ଦୀ କିମ୍ବା ଦେଶାନ୍ତର କରି ହେବନାହିଁ । ସମସ୍ତଙ୍କ ପାଖରେ ଏକ ସ୍ୱାଧୀନ ଓ ନିରପେକ୍ଷ ଅଦାଲତରେ ସାର୍ବଜନୀନ ଶୁଣାଣିର ଅଧିକାର ରହିଛି । ଅଦାଲତ ଦେଷୀ ବୋଲି ରାୟ ଦେବା ପୂର୍ବରୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ଭାବରେ ଗ୍ରହଣ କରାଯିବ । ମନୁଷ୍ୟର ଘର, ପରିବାର, ବ୍ୟକ୍ତିଗତ ଜୀବନ ଓ ବ୍ୟକ୍ତିଗତ ଚିଠିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବାର ଅଧିକାର ନାହିଁ । ବ୍ୟକ୍ତିଗତ ଏକାନ୍ତତା ଉପରେ ଆକ୍ରମଣ ମାମଲାରେ ବ୍ୟକ୍ତି ଆଇନ ଠାରୁ ସୁରକ୍ଷା ମାଗିବାର ଅଧିକାର ରହିଛି । ଦେଶ ତ୍ୟାଗ ଓ ଶରଣାର୍ଥୀ ଅଧିକାର : ନିଜ ଦେଶରେ ଯେ କୌଣସି ସ୍ଥାନକୁ ଯିବା ଅଧିକାର ସହ ମନୁଷ୍ୟକୁ ଅନ୍ୟ ଦେଶକୁ ଯିବା ଆସିବା କରିବାର ଅଧିକାର ରହିଛି । କେବଳ ଏତିକି ନୁହେଁ ସେ ନିଜ ଦେଶ ତ୍ୟାଗ କରିପାରିବ ଏବଂ ଫେରି ମଧ୍ୟ ପାରିବ । ପ୍ରତିଟି ମନୁଷ୍ୟ ପାଖରେ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ମାଗିବାର ଅଧିକାର ରହିଛି । ପ୍ରତ୍ୟେକ ବ୍ୟକ୍ତି ପାଖରେ ଏକ ବିଶେଷ ରାଷ୍ଟ୍ରର ନାଗରିକତାର ଅଧିକାର ରହିଛି । କେହି ଜବରଦସ୍ତ ଭାବରେ ବା ମନଇଛା ତାଙ୍କର ରାଷ୍ଟ୍ରୀୟତା ଛିନ୍ନ କରିପାରିବେ ନାହିଁ । ବିବାହ ଓ ମହିଳା ପୁରୁଷ ସମାନତା ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ ଓ ଜାତୀୟତା ନିର୍ବିଶେଷରେ ବିବାହ କରିବାର ଓ ପରିବାର ବଢ଼ାଇବାର ଅଧିକାର ରହିଛି । ଏଥିସହ ବିବାହ ସମୟରେ ଓ ବିବାହ ପରେ ମହିଳା ଓ ପୁରୁଷଙ୍କର ସମାନତାର ଅଧିକାର ରହିଛି । ପ୍ରତି ବ୍ୟକ୍ତିଙ୍କୁ ଏକାକୀ ବା ଏକାଧିକ ବ୍ୟକ୍ତିଙ୍କ ସହ ମିଶି ସମ୍ପତି ରଖିବାର ଅଧିକାର ରହିଛି । ସମ୍ପତି ଉପରୁ ଏହି ଅଧିକାର କେହି ମନଇଛା ଛିନ୍ନ କରିପାରିବେ ନାହିଁ । ବିଚାର ଓ ଧର୍ମ ଛାଡ଼ିବାର ଓ ଆପଣାଇବାର ଅଧିକାର : ମନୁଷ୍ୟର ଯେ କୌଣସି ବିଚାର ଓ ଧର୍ମକୁ ଆପଣାଇବା ପାଇଁ ସ୍ୱାଧୀନତା ରହିଛି । ଏଥିସହ ନିଜର ଧର୍ମ ଓ ବିଚାର ବଦଳାଇବାର ମଧ୍ୟ ସ୍ୱାଧୀନତା ରହିଛି । ପ୍ରତିଟି ମନୁଷ୍ୟର ବିଚାରକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ରହିଛି । କୌଣସି ପ୍ରସଙ୍ଗରେ ନିଜର ବିଚାର ବ୍ୟକ୍ତ କରିବାର ଅଧିକାର ରହିଛି । ବ୍ୟକ୍ତିଙ୍କୁ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମରୁ ସୂଚନା ହାସଲ କରିବାର ଅଧିକାର ରହିଛି । ଏହାକୁ କେହି ରୋକିପାରିବେ ନାହିଁ । ସରକାର ବାଛିବା ଓ ସାମାଜିକ ସୁରକ୍ଷାର ଅଧିକାର : ପ୍ରତି ବ୍ୟକ୍ତି ପାଖରେ ଶାନ୍ତିପୂର୍ଣ୍ଣ ଭାବରେ ସଂଗଠନ ଗଠନ କରିବା, ସଂସ୍ଥାର ସଦସ୍ୟ ହେବା ଏବଂ ସଭା କରିବାର ଅଧିକାର ରହିଛି । ଦେଶରେ ସରକାର ଗଠନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଏବଂ ସରକାର ନିର୍ବାଚନ କରିବାର ଅଧିକାର ରହିଛି । ଏଥିସହ ଦେଶର ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମାନ ଅଧିକାର ରହିଛି । ପ୍ରତି ମଣିଷ ପାଖରେ ସମାଜର ଅଂଶ ହୋଇଥିବା କାରଣରୁ ସାମାଜିକ ସୁରକ୍ଷାର ଅଧିକାର ରହିଛି । ଏଥିସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ୍ୟ ରହିଛି । ନିଜ ପସନ୍ଦର ଚାକିରି ଏବଂ ବୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିଙ୍କର କାମ କରିବା, ନିଜ ପସନ୍ଦର କାମ ଖୋଜିବା, କର୍ମସ୍ଥଳରେ ଉନ୍ନତି ଏବଂ ବେରୋଜଗାରୀରୁ ରକ୍ଷା ପାଇବାର ଅଧିକାର ଅଛି । ଏହା ବ୍ୟତୀତ କୌଣସି ପ୍ରକାର ଭେଦଭାବ ବିନା ସମାନ କାମ ପାଇଁ ସମାନ ପାରିଶ୍ରମିକ ପାଇବାର ମଧ୍ୟ ଅଧିକାର ରହିଛି । ସେ ଟ୍ରେଡ୍ ୟୁନିୟନରେ ସାମିଲ ହୋଇପାରେ, ଟ୍ରେଡ ୟୁନିଅନ ଗଠନ କରିପାରେ । ନିର୍ଦ୍ଦିଷ୍ଟ କର୍ମ ନିର୍ଘଂଟ ଏବଂ ଛୁଟିରେ ଅଧିକାର ରହିଛି ପ୍ରତ୍ୟେକ କର୍ମଚାରୀଙ୍କ ପାଖରେ । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ପୋଷାକ, ଘର, ସ୍ୱାସ୍ଥ୍ୟ ସୁବିଧା ଏବଂ ଜରୁରୀ ସାମାଜିକ ସୁରକ୍ଷାର ଅଧିକାର ରହିଛି । ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା ଅଧିକାର ରହିଛି । ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ଏବଂ ଏହାକୁ ଦେୟମୁକ୍ତ କରାଯିବା ପାଇଁ ଅଧିକାର ରହିଛି । ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାର ଅଧିକାର ରହିଛି । ସେ କଳା କିମ୍ବା ବିଜ୍ଞାନ ଜରିଆରେ ହେଉଥିବା ବିକାଶ ଏବଂ ଲାଭକୁ ନିଜ ପାଇଁ ବ୍ୟବହାର କରିପାରିବ । ସାମାଜିକ ଏବଂ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର : ପ୍ରତ୍ୟେକ ବ୍ୟକ୍ତି ପାଖରେ ଏପରି ସାମାଜିକ ଏକ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର ରହିଛି ଯାହାଦ୍ୱାରା ଜାତିସଂଘରେ ହୋଇଥିବା ଘୋଷଣାନାମା କାର୍ଯ୍ୟକାରୀ ହୋଇପାରିବ । ପ୍ରତ୍ୟେକ ମନୁଷ୍ୟ ନିଜ ଗୋଷ୍ଠୀ ପାଇଁ ଉନ୍ନରଦାୟୀ । ଏହାଦ୍ୱାରା ତାର ବ୍ୟକ୍ତିତ୍ୱର ବିକାଶ ହେବ ଯାହାକି ଗଣତାନ୍ତ୍ରିକ ସମାଜ ପାଇଁ ଖୁବ୍ ଜରୁରୀ । ଏହି ଘୋଷଣାନାମାରେ ସାମିଲ ହୋଇଥିବା କୌଣସି ପ୍ରସଙ୍ଗକୁ ଏମିତି ଭାବରେ ଉପସ୍ଥାପିତ କରାଯିବ ନାହିଁ, ଯାହାଦ୍ୱାରା ମନେହେବ କୌଣସି ରାଷ୍ଟ୍ର ବ୍ୟକ୍ତି ବା ଗୋଷ୍ଠୀ କୌଣସି ଏପରି କାର୍ଯ୍ୟରେ ସାମିଲ ହୋଇପାରିବ ।

# ଖାଦ୍ୟ-ଅଖାଦ୍ୟ

ସୁସମ୍ବାଦଟିଏ ହେଲା ଇତିମଧ୍ୟରେ 'ମୁଖ୍ୟସ୍ରୋତୀୟ' ବୋଲି ଉଚ୍ଚାଟିତ ହେଉଥିବା କେତେକ ଖାଦ୍ୟ, ଯେମିତି କି ଗହମ ତହିଁରେ ଥିବା ହାନିକାରକ ଗ୍ଲୁଟନ୍ କାରଣରୁ କେତେକଙ୍କ ଖାଦ୍ୟ ଥାଳିରୁ ଅପସାରିତ ହେବାରେ ଲାଗିଲେଣି ଏବଂ ବହୁ କାଳରୁ ଅଖାଦ୍ୟ ଭାବେ ସଂଭ୍ରାନ୍ତଙ୍କ ନାସିକା କୁଂଚନର ଶିକାର ହୋଇ ସୀମାନ୍ତରିତ ଭାବେ ପଡ଼ିରହିଥିବା ମାଣ୍ଡିଆ ଏବେ ସେମାନଙ୍କ ପ୍ରିୟ ଖାଦ୍ୟରେ ପରିଣତ ହୋଇଛି । ତେଣୁ, ଖାଦ୍ୟ-ଅଖାଦ୍ୟ ସଂଦର୍ଭରେ ଚର୍ଚ୍ଚା କାଳରେ ଦୃଷ୍ଟି ଓ ବିଚାର ପ୍ରଶସ୍ତ ହେଉ ! ଦିନେ ସଂଜ ବେଳେ କୌଣସି ଏକ ଛକର ଚା' ଦୋକାନରେ ଗିଲାସରୁ ଶେଷ ଚା' ବିନ୍ଦୁ ନିଃଶେଷ କରୁଥିବା ଦଳେ ରାଜଧାନୀ ବାସିନ୍ଦା ଯେଉଁ ଅନୈପଚାରିକ ଅଥଚ ଉଚ୍ଚାଟିତ ଆଲୋଚନାରେ ମଗ୍ନ ଥିଲେ, ତାହାର ସାରାଂଶ ଥିଲା ଏହା ଯେ ଆମ ରାଜ୍ୟର ନିଭୃତ ମାଳ ଅଂଚଳରେ ବାସ କରୁଥିବା କେତେକ ଜନଜାତି ବର୍ଗ ଯାହା ଆହାର କରନ୍ତି, ତାହା ଅଖାଦ୍ୟ, କାରଣ ତାହା 'ମୁଖ୍ୟସ୍ରୋତୀୟ' ଖାଦ୍ୟ ନୁହେଁ ଏବଂ ସେହି କାରଣରୁ ରୋଗ ଓ ପ୍ରାଣହାନି ଘଟିଥାଏ । କହିବା ଅନାବଶ୍ୟକ ଯେ କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କା ଗାଁରେ ଆମ୍ବ ଟାକୁଆ ଜାଉ ଖାଇବା କାରଣରୁ ଘଟିଥିବା ମୃତ୍ୟୁ ଥିଲା ଉପରୋକ୍ତ ଆଲୋଚନାର ପୃଷ୍ଠଭୂମି । ସେମାନଙ୍କ ମତ ଥିଲା ଯେ ଦାରିଦ୍ର୍ୟ ଓ ଅନାହାର-କ୍ଲିଷ୍ଟ ଆଦିବାସୀମାନେ 'ମୁଖ୍ୟସ୍ରୋତୀୟ' ଖାଦ୍ୟ ଯେମିତି କି ଚାଉଳ ବା ଗହମ ଇତ୍ୟାଦି ନ ପାଇ ଟାକୁଆ ଜାଉ ଖାଇବାକୁ ବାଧ୍ୟ ହୁଅନ୍ତି, ଯାହା ଏଭଳି ଅଘଟଣର କାରଣ । ଅବଶ୍ୟ, ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଆମ ରାଜ୍ୟର ଆଦିବାସୀମାନେ ଦାରିଦ୍ର୍ୟ, ବୁଭୁକ୍ଷା ଓ କୁପୋଷଣର ଶିକାର; କିନ୍ତୁ ଉପରୋକ୍ତ ଚା' ଆସର ଚର୍ଚ୍ଚା ପରିପ୍ରେକ୍ଷୀରେ ଯେଉଁ ପ୍ରଶ୍ନ ଏକ ଯଥାର୍ଥ ଉତର ଲୋଡ଼ି ଥାଏ, ତାହା ହେଲା 'ମୁଖ୍ୟସ୍ରୋତୀୟ ଖାଦ୍ୟ' ବୋଲି ଏମିତି କିଛି ଅଛି କି ? ଦ୍ୱିତୀୟରେ 'ଅଖାଦ୍ୟ' ବୋଇଲେ କ'ଣ ? ଏହା ସୁବିଦିତ ଯେ ଚୀନ, ଫିଲିପାଇନ୍ସ, ମାଲେସିଆ ଓ ଭିଏତ୍ନାମ ଭଳି ଦେଶରେ ବସବାସ କରୁଥିବା ପୃଥିବୀ ଜନସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ ଲୋକେ ଯାହା ଅତି ସାଧାରଣ ଭାବେ ଦୈନନ୍ଦିନ ଆହାର ରୂପେ ଭକ୍ଷଣ କରନ୍ତି, ତାହା ଆମ ଭଳି ଅସଂଖ୍ୟଙ୍କ ସକାଶେ ଲୋମ ଟାଙ୍କୁରି ଉଠିଲା ଭଳି ଘୃଣ୍ୟ ଅଖାଦ୍ୟ; କାରଣ ତହିଁରେ ଯାବତୀୟ କୀଟପତଙ୍ଗ, ସରୀସୃପ, ଭ୍ରୁଣଯୁକ୍ତ ଅଣ୍ଡା, ପକ୍ଷୀବସା ଇତ୍ୟାଦି ଅନ୍ତର୍ଭୁକ୍ତ ! ସେମାନଙ୍କ କେତେକ ଆହାରର ପ୍ରସ୍ତୁତି ଓ ଖାଇବାର ପଦ୍ଧତି ମଧ୍ୟ ନିହାତି ଅପରିଚ୍ଛନ୍ନ, ନିଷ୍ଠୁର ଓ ବିକାର ସୃଷ୍ଟିକାରୀ । ନୃତତ୍ତ୍ୱବିତ୍ମାନେ କହିଥାଆନ୍ତି ଯେ ଚୀନାମାନେ ସର୍ବାହାରୀ ହେବା ପଛରେ ଥିବା କାରଣଟି ହେଉଛି ସେହି ଦେଶକୁ ଆକ୍ରାନ୍ତ କରୁଥିବା ଅନେକ ଭୟାବହ ଦୁର୍ଭିକ୍ଷ, ଯହିଁରେ ସବୁ କିଛି ସେମାନଙ୍କ ଲାଗି ଆହାରଯୋଗ୍ୟ ହୋଇ ଯାଇଥିଲା । ପ୍ରକାଶ ଥାଉ କି କୌଣସି ଅଂଚଳର ଭୌଗୋଳିକ ଅବସ୍ଥିତି, ଜଳବାୟୁ, ପ୍ରାଣୀ ଓ ଉଦ୍ଭିଦ ଜଗତ, ଉତ୍ପନ୍ନ ହେଉଥିବା ଫସଲ, ଜୀବନଯାପନର ଧାରା ଇତ୍ୟାଦି ସେଠାକାର ଖାଦ୍ୟ ଓ ଖାଦ୍ୟାଭ୍ୟାସକୁ ନିର୍ଦ୍ଧାରଣ କରିଥାଏ ଏବଂ ସେହି କାରଣରୁ ପ୍ରତ୍ୟେକ ଅଂଚଳର ଖାଦ୍ୟ ଓ ଖାଦ୍ୟାଭ୍ୟାସ ସେହି ଅଂଚଳ ବା ସେଠାକାର ଜନସମାଜ ଲାଗି ଏକ ପରିଚୟରେ ମଧ୍ୟ ପରିଣତ ହୋଇଥାଏ । ତେଣୁ ଏକ ନିର୍ଦ୍ଦିଷ୍ଟ ପ୍ରକାର ଖାଦ୍ୟ ଓ ଖାଦ୍ୟ-ସଂସ୍କୃତିକୁ 'ମୁଖ୍ୟସ୍ରୋତୀୟ' ବୋଲି ବିଚାର କରିବା ମୂଳରୁ ବିଭ୍ରାନ୍ତିକର; ଯଦିଓ ପାଶ୍ଚାତ୍ୟ ଶ୍ୱେତାଙ୍ଗ ରାଷ୍ଟ୍ରଗୁଡ଼ିକ ଅର୍ଦ୍ଧାଧିକ ବିଶ୍ୱକୁ ଉପନିବେଶ କବଳିତ କରି ସେମାନଙ୍କ ପସନ୍ଦଯୋଗ୍ୟ ଖାଦ୍ୟକୁ 'ମୁଖ୍ୟସ୍ରୋତୀୟ' ବୋଲି ଧାରଣା ଓ ବ୍ୟାଖ୍ୟାନ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି, ଯହିଁରେ ଅନେକ ପାରଂପରିକ ସ୍ଥାନୀୟ ଖାଦ୍ୟ ଓ ଖାଦ୍ୟାଭ୍ୟାସ ସୀମାନ୍ତରିତ ବା ଅବଦମିତ ବା ନିଶ୍ଚିହ୍ନ ହୋଇଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ୨୦୧୩ ମସିହାରେ ଜାତିସଂଘର 'ଖାଦ୍ୟ ଓ କୃଷି ସଂଗଠନ' ବା 'ଏଫ.ଏ.ଓ.' (ଫୁଡ୍ ଏଣ୍ଡ ଏଗ୍ରିକଲ୍ଚର ଅର୍ଗାନାଇଜେସନ୍) ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ସ୍ମରଣକୁ ଆସିଥାଏ, ଯାହା ସେତେବେଳେ ବ୍ୟାପକ ଚର୍ଚ୍ଚା ତଥା ଭ୍ରୂ ଓ ନାସିକା କୁଂଚନର କାରଣ ହୋଇଥିଲା । କାରଣ ପୃଥିବୀକୁ ବୁଭୁକ୍ଷା ଓ ଅପପୁଷ୍ଟି କବଳରୁ ମୁକ୍ତ କରିବା ସକାଶେ ତହିଁରେ କୀଟପତଙ୍ଗ ଆହାରକୁ ପ୍ରାଧାନ୍ୟ ଦେବା ସକାଶେ ପରାମର୍ଶ ଦିଆଯାଇଥିଲା । ପ୍ରସିଦ୍ଧ ପତ୍ରିକା 'ନେଚର' ଦ୍ୱାରା ହୋଇଥିବା ଏକ ଅନୁଧ୍ୟାନ ଅନୁସାରେ ପୃଥିବୀର ୨୮ଟି ଦେଶର ଲୋକେ ଦୈନନ୍ଦିନ ୨୨୦୫ ପ୍ରକାର କୀଟ ଆହାର ରୂପେ ଗ୍ରହଣ କରିଥାଆନ୍ତି । ଏହା ଅନୁସାରେ ସର୍ବାଧିକ ପ୍ରକାରର ଆହାରଯୋଗ୍ୟ କୀଟ (୯୩୨ ପ୍ରକାର) ଏସିଆରେ ଉପଲବ୍ଧ ଏବଂ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି ଆଫ୍ରିକା ଓ ଉତ୍ତର ଆମେରିକା । ଖାଦ୍ୟ ବିଶେଷଜ୍ଞମାନେ କହିଥାଆନ୍ତି ଯେ କୀଟପତଙ୍ଗଗୁଡ଼ିକ ପୁଷ୍ଟିସାର, ସ୍ନେହସାର, ଖଣିଜ ତତ୍ତ୍ୱ ଓ ଜୀବନିକା ଦ୍ୱାରା ଏଭଳି ଭରପୂର ଯେ ତାହା କୁପୋଷଣ ଦୂର କରିବାରେ ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହେବ । କେବଳ ସେତିକି ନୁହେଁ, କୀଟପତଙ୍ଗଗୁଡ଼ିକ ବିପୁଳ ଭାବେ ଉପଲବ୍ଧ ଏବଂ ଏଥିରୁ ପ୍ରସ୍ତୁତ ବ୍ୟଂଜନ ମଧ୍ୟ ଖୁବ୍ ସ୍ୱାଦିଷ୍ଟ ହୋଇପାରେ । କହିବା ବାହୁଲ୍ୟ ଏହି ରିପୋର୍ଟ ଦ୍ୱାରା ଅନୁପ୍ରାଣିତ ହୋଇ କେତେକ ଆମେରିକୀୟ ଯୁବକ ଯୁକ୍ତରାଷ୍ଟ୍ର ଆମେରିକାର 'ଟାଇମ୍ସ ସ୍କୋୟାର'ରେ କୀଟପତଙ୍ଗରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟଂଜନ ପରୀକ୍ଷାମୂଳକ ଭାବେ ଆଗ୍ରହୀ ଆମେରିକୀୟମାନଙ୍କୁ ଚଖାଇବାରେ ଲାଗିଲେଣି, ଯେଉଁଠି ଭୋଜନ ଥାଳିରେ ପୋକଟିଏ ପଡ଼ିଗଲେ, ତାହାକୁ ଘୃଣାର ସହିତ ତୁରନ୍ତ ତ୍ୟାଜ୍ୟ କରି ଦିଆଯାଇଥାଏ ! ଆମେରିକା ସମେତ ପୃଥିବୀର କେତେକ ସହରରେ ପରୀକ୍ଷାମୂଳକ ଭାବେ ଝିଂଟିକା ଚାଷ ମଧ୍ୟ ପ୍ରାରମ୍ଭ କରାଗଲାଣି, ଯାହାକୁ ଭବିଷ୍ୟତ୍ର 'ସୁପରଫୁଡ୍' ବୋଲି ଆଖ୍ୟା ଦିଆଯାଉଛି । ଆମ ରାଜ୍ୟରେ କେତେକ ଅଂଚଳରେ ଝଡ଼ି ପୋକ ଓ କାଇକୁ ଆହାର ରୂପେ ଆଗ୍ରହର ସହିତ ଗ୍ରହଣ କରାଯାଇଥାଏ ଏବଂ କାଇ ଚଟଣି ଲାଗି ମୟୂରଭଞ୍ଜକୁ ଜି.ଆଇ. ଟ୍ୟାଗ୍ ମଧ୍ୟ ମିଳିଛି । ତେଣୁ ପ୍ରକୃତରେ 'ଅଖାଦ୍ୟ' ବୋଇଲେ କ'ଣ ? ଆମ୍ବ ଟାକୁଆ ପରିପ୍ରେକ୍ଷୀରେ ଖାଦ୍ୟସାର ବିଶାରଦମାନେ କହନ୍ତି ଯେ ଏଥିରେ ଥିବା ପୌଷ୍ଟିକ ତତ୍ତ୍ୱ ଆମ୍ବ ଶସରେ ଥିବା ସାର ଠାରୁ ଦେଢ଼ ଗୁଣ ଅଧିକ ! ବାସ୍ତବତାଟି ହେଲା ଆମ୍ବ ଟାକୁଆ ଜାଉ ସେତେବେଳେ ଅଖାଦ୍ୟ ହୁଏ, ଯେତେବେଳେ ବିଭିନ୍ନ କାରଣରୁ ଶଢ଼ିଯାଇ ତାହା ଖାଦ୍ୟ-ଅଯୋଗ୍ୟ ହୋଇପଡ଼େ, ସମୟେ ସମୟେ ପ୍ରାଣ-ଘାତକ ମଧ୍ୟ ହୋଇଥାଏ । କିନ୍ତୁ ଏ କଥା ସମସ୍ତ ଖାଦ୍ୟ ଓ ପାନୀୟ ସକାଶେ ପ୍ରଯୁଜ୍ୟ, କାରଣ ବିଘଟନ ଦ୍ୱାରା ଯେ କୌଣସି ଖାଦ୍ୟ ବିଷାକ୍ତ ହୋଇଯାଇପାରେ । ତେଣୁ ଏଥିରୁ ମୁକ୍ତି ପାଇବା ଲାଗି ଯାହା ଗୁରୁତ୍ୱପୂର୍ଣ୍ଣ, ତାହା ହେଲା କୌଣସି ଖାଦ୍ୟକୁ ଦୀର୍ଘ କାଳ ଲାଗି ସାଇତି ରଖିବାର ପଦ୍ଧତି ସମ୍ବନ୍ଧରେ ଉପଯୁକ୍ତ ଜ୍ଞାନ ! କହିବାରେ ଦ୍ୱିଧା ନାହିଁ ଯେ ରେଫ୍ରିଜରେଟର ଭଳି ଯନ୍ତ୍ରର ଅଭାବରେ ଲୋକେ ପାରଂପରିକ ଜ୍ଞାନ ଆଧାରରେ ଯେଉଁଭଳି ଖାଦ୍ୟ ସଂରକ୍ଷଣ କରିଥାଆନ୍ତି, ତାହା ଅନେକ ସମୟରେ ଉପଯୁକ୍ତ ହୋଇ ନ ଥାଏ । ତେଣୁ କେ ?ଣସି ଖାଦ୍ୟକୁ ଅଖାଦ୍ୟରେ ପରିଣତ ହେବାରୁ ରକ୍ଷା କରିବା ଲାଗି ଲୋକଙ୍କୁ ପାରଂପରିକ ଖାଦ୍ୟ ସଂରକ୍ଷଣ ବାବଦରେ ସଚେତନ ଏପରିକି ବିଜ୍ଞ କରାଇବା ଆବଶ୍ୟକ । ଏଥିରେ ମଧ୍ୟ ସନ୍ଦେହ ନାହିଁ ଯେ ସହରର ବଜାରରେ ଉପଲବ୍ଧ ବିଭିନ୍ନ ଫାଷ୍ଟ ଫୁଡ୍ ଓ ମୃଦୁ ପାନୀୟ ମଧ୍ୟ ଊଣାଅଧିକେ 'ଅଖାଦ୍ୟ', କାରଣ ତାହାକୁ ଭକ୍ଷଣ କରି ଆମେ ସ୍ଥିର ଓ ମନ୍ଥର ଭାବେ ରୁଗ୍ଣ ହେବାରେ ଲାଗିଛୁ ଏବଂ ଅକାଳ ମୃତ୍ୟୁର ଶିକାର ମଧ୍ୟ ହେଉଛୁ ! କିନ୍ତୁ, ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତିର ଉନ୍ନରାଧିକାରୀ ଭାବେ ଆମେ ଏ ସବୁକୁ 'ଅଖାଦ୍ୟ' ରୂପେ ତ୍ୟାଜ୍ୟ କରି ପାରିନାହୁଁ ! ତେବେ, ସୁସମ୍ବାଦଟିଏ ହେଲା ଇତିମଧ୍ୟରେ 'ମୁଖ୍ୟସ୍ରୋତୀୟ' ବୋଲି ଉଚ୍ଚାଟିତ ହେଉଥିବା କେତେକ ଖାଦ୍ୟ, ଯେମିତି କି ଗହମ ତହିଁରେ ଥିବା ହାନିକାରକ ଗ୍ଲୁଟନ୍ କାରଣରୁ କେତେକଙ୍କ ଖାଦ୍ୟ ଥାଳିରୁ ଅପସାରିତ ହେବାରେ ଲାଗିଲେଣି ଏବଂ ବହୁ କାଳରୁ ଅଖାଦ୍ୟ ଭାବେ ସଂଭ୍ରାନ୍ତଙ୍କ ନାସିକା କୁଂଚନର ଶିକାର ହୋଇ ସୀମାନ୍ତରିତ ଭାବେ ପଡ଼ିରହିଥିବା ମାଣ୍ଡିଆ ଏବେ ସେମାନଙ୍କ ପ୍ରିୟ ଖାଦ୍ୟରେ ପରିଣତ ହୋଇଛି । ତେଣୁ, ଖାଦ୍ୟ-ଅଖାଦ୍ୟ ସଂଦର୍ଭରେ ଚର୍ଚ୍ଚା କାଳରେ ଦୃଷ୍ଟି ଓ ବିଚାର ପ୍ରଶସ୍ତ ହେଉ ! ଏହି ଆଲୋଚନାର ଶେଷରେ ଏକ ଚଟୁଳ କଥାଟିଏ ମନେ ପଡ଼େ । ତାହା ଏହିଭଳି: ଜଣେ ବିଦେଶୀ ଚୀନ ଗସ୍ତ କାଳରେ ଜନେ ?କ ଚୀନା ବନ୍ଧୁଙ୍କ ସହିତ ପଦବ୍ରଜରେ ବୁଲୁବୁଲୁ ଚୀନା ଆହାର ସମ୍ବନ୍ଧୀୟ ଧାରଣାରୁ ସୃଷ୍ଟ ଉତ୍କଣ୍ଠାକୁ ଚାପି ନ ପାରି ଯେତେବେଳେ ପଚାରି ଦିଅନ୍ତି- 'ତୁମେମାନେ ସତରେ କ'ଣ ସବୁ ଖାଅ ? ବନ୍ଧୁଙ୍କ ଉତର ଆସେ, 'ଯାହା କିଛି ପୃଥିବୀ ପୃଷ୍ଠରେ ଚଲାବୁଲା କରନ୍ତି, ସବୁ !' କହିବା ବାହୁଲ୍ୟ, ଏହା ଶୁଣି ବିଦେଶୀ ଜଣକ ତତ୍କ୍ଷଣାତ୍ ଛିଡ଼ା ହୋଇଯାଇଥିଲେ । କାରଣ ତାହା କରି ହିଁ ସେ ଚୀନାଙ୍କ ଲାଗି 'ଅଖାଦ୍ୟ' ହୋଇଗଲେ ବୋଲି ଭାବି ନେଇ ସ୍ୱସ୍ତିରେ ନିଃଶ୍ୱାସ ମାରିଥିବେ !

# ସୁରଞ୍ଜନଙ୍କ ଡାଏରି : ହେମନ୍ତ, ହେନ୍ତାଳବନ ଓ ବାତ୍ୟା



୩୧୬ ନମ୍ବର ଜାତୀୟ ରାଜପଥରେ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଡେଇଁ ସୁରଞ୍ଜନ ବାବୁ ରାଜନଗରରେ ପହଂଚିଲା ବେଳକୁ ଅପରାହ୍ନର ଆକାଶ କେଉଁ ଗମ୍ଭୀର ଅଭିଭାବକଙ୍କ ଉଦାସ ମୁହଁଟି ପରି ଦିଶୁଥିଲା । ମଝିରେ ମଝିରେ ସାମୁଦ୍ରିକ ହିଲ୍ଲୋଳ ବିଷାଦ ସଙ୍ଗୀତର ମୂର୍ଚ୍ଛନା ପରି କର୍ଣ୍ଣକୁହରରେ ତାଙ୍କର ପ୍ରତିଧ୍ୱନିତ ହେଉଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ଆଦ୍ୟ ଆଶ୍ୱିନରେ ଚଅଁର ଉଡ଼ାଉଥିବା ଧବଳ କାଶଫୁଲ ଏବେ ବୃଦ୍ଧା ବର୍ଷାର ପକ୍ୱ କେଶ ପରି ମଳିନ ଓ ନିଷ୍ପ୍ରଭ ଦିଶୁଥିଲା । କବିଙ୍କ ଭାଷାରେ, "ଜରତୀ ବରଷାର ଧବଳ ଜଟା" । ରାଜନଗର ବଜାରରେ ଦେଖା ହେଲେ ସେ ଅଂଚଳର ପରିବେଶବିତ୍ ଭାବରେ ବେଶ୍ ଜଣାଶୁଣା ଶିକ୍ଷକ ତଥା କବିପ୍ରାଣ ହେମନ୍ତ କୁମାର ରାଉତ । ପଶୁପକ୍ଷୀକୁଳକୁ ଆହାର ପ୍ରଦାନ କରୁଥିବା ତଥା ନୀଡ଼ ତିଆରି ପାଇଁ ଆବଶ୍ୟକ ପଡୁଥିବା ବୃକ୍ଷ ସମ୍ପଦ ଯଥା ତାଳ, ଖଜୁରୀ, ବର, ଅଶ୍ୱତ୍ଥ, ନିମ୍ବ, ଚାକୁଣ୍ଡା, ଆମ୍ବ, ବେଲ ଇତ୍ୟାଦି ଗଛ ସଂଖ୍ୟା କମି ଆସୁଥିଲା ବେଳେ, ପଶୁପକ୍ଷୀମାନଙ୍କ ପ୍ରତି ଦୟା, କରୁଣା ଓ ଆଗ୍ରହ ଭାବ ପରିଦୃଷ୍ଟ ହେଉ ନ ଥିଲାବେଳେ, ହେମନ୍ତ ବାବୁଙ୍କ ବୃକ୍ଷ ପ୍ରୀତି ଓ ମାନବେତର ପ୍ରାଣୀ ଯଥା ବୁଲାକୁକୁର ଓ କୁଆମାନଙ୍କୁ ଆହାର ଦେବା ସହ ସ୍ନେହପୂର୍ଣ୍ଣ ଆଚରଣ ସୁରଞ୍ଜନ ବାବୁଙ୍କ ମୁଗ୍ଧ ଚକିତ କରୁଥିଲା । ୧୯୯୯ ମହାବାତ୍ୟା ଦେଖାଏ ହେମନ୍ତ ବାବୁଙ୍କ ଜୀବନକୁ ନୂଆ ଦିଗ । ଏ ସମ୍ପର୍କରେ ସେ କୁହନ୍ତି, "ମୋ ଗାଁ ଠାରୁ ସମୁଦ୍ର ମାତ୍ର ୩ କିଲୋମିଟର ଦୂର । ଏଥିପାଇଁ ସମୁଦ୍ର ମାଡ଼ି ଆସିବାର ଭୟ ରହିଥାଏ । ସମୁଦ୍ର ଓ ନଇ ଭୟ ଏଡ଼ାଇବା ଲାଗି ୧୯୯୫ ବେଳକୁ ସ୍କୁଲ୍ ପିଲା ଓ କିଛି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଁ ଓ ଏହାର ଆଖପାଖ ସ୍ଥାନରେ ଆମେ ପ୍ରାୟ ୩ ହଜାର ବବୁଲ୍ ଗଛ ଲଗାଇଥିଲୁ, ଯାହାକି ୧୯୯୯ ମହାବାତ୍ୟା ବେଳେ ଆମକୁ ବଚାଂଇଦେଲା । ସମୁଦ୍ର ମାଡ଼ି ଆସିଲା ହେଲେ ଗଛ ଯୋଗୁଁ ଗାଁ ରାସ୍ତା ଭାଙ୍ଗିଲା ନାହିଁ । ମହାବାତ୍ୟାରୁ ରକ୍ଷା ପାଇବା ପରେ ହେନ୍ତାଳ ବଣର ଆବଶ୍ୟକତା ସମସ୍ତେ ମର୍ମେ ମର୍ମେ ଅନୁଭବ କରିଥିଲେ । ମହାବାତ୍ୟା ଆମକୁ ବଡ଼ ଶିକ୍ଷା ଦେଲା ।" ସଂପ୍ରତି ରାଜନଗର ବ୍ଲକ୍ର କୋଇଲିପୁର ଗ୍ରାମ ପଚାଂୟତ ଅନ୍ତର୍ଗତ ବାରାହାପୁର ଠାରୁ ତନ୍ତିଆପାଳ ଯିବା ରାସ୍ତାରେ ପ୍ରାୟ ୧୦ ହେକ୍ଟରରୁ ଅଧିକ ଜଙ୍ଗଲ, ପାଣି ମାଡୁଥିବା ସ୍ଥାନରେ ଗୁଆଁ, ବନି, ରାଇ, କୋରୁଅ, ପାଣିଆମ୍ବ ପରି ଜାତି ଜାତି ହେନ୍ତାଳ ବୃକ୍ଷ ଲଗାଇଥିବା ବେଳେ ଶୁଷ୍କାଂଚଳରେ ଲଗାଇଛନ୍ତି ବାଉଁଶ, ଆକାଶିଆ, ଝାଉଁ, ବର, ଓସ୍ତ ଇତ୍ୟାଦି ବୃକ୍ଷ । ନରଣପୁର ଓ କାଙ୍କଦିଆ ନିକଟରେ 'ଚଳେଚଳୋ' ସ୍ୱେଚ୍ଛାସେବୀ ସଂଗଠନ ସହ ମିଶି ଚାରା ଉତ୍ପାଦନ କରିବା ସହ ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି ମଧ୍ୟ । ହେନ୍ତାଳ ବଣ ସୁରକ୍ଷା ଅବା ଗହୀରମଥା କଇଁଛ ସୁରକ୍ଷା ଆନ୍ଦୋଳନ- ସବୁଠି ତାଙ୍କ ଉଦ୍ୟମ ଓ ଉଦ୍ଯୋଗର ଛାପ ଦେଖିବାକୁ ମିଳେ । ହେମନ୍ତ ବାବୁ ଖାଲି ଯେ ପ୍ରକୃତିପ୍ରେମୀ ତା' ନୁହେଁ, 'ଚେନାଏ ବସୁନ୍ଧରା', 'ତାରାଫୁଲର ଗୀତ' ଇତ୍ୟାଦି କୋଡ଼ିଏରୁ ଅଧିକ ପୁସ୍ତକ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି ସେ । ତତ୍ସହିତ ପରିବେଶଭିତ୍ତିକ 'ହେନ୍ତାଳ' ପତ୍ରିକା ସମ୍ପାଦନା ତାଙ୍କ ପରିବେଶ ପ୍ରୀତିର ସ୍ୱାକ୍ଷର ବହନ କରେ । କଥା ପ୍ରସଙ୍ଗରେ ହେନ୍ତାଳ ବଣ ପରି ଏକ ସୁରକ୍ଷା ପ୍ରାଚୀର ଯୋଗୁଁ 'ଦାନା' ଭଳି ଦୁର୍ବିପାକର ପ୍ରକୋପ ରାଜନଗରରେ ଅନୁଭୂତ ହେଲା ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ୧୯୯୯ ମହାବାତ୍ୟା ଠାରୁ ଆରମ୍ଭ କରି ଫନି, ଅମ୍ଫାନ, ହୁଡ଼ହୁଡ, ତିତଲି, ୟାସ ଭଳି ବାତ୍ୟା ମୁହଁରୁ ରାଜନଗରକୁ ରକ୍ଷା କରି ଆସିଥିବା ହେନ୍ତାଳ ବଣ ଏଥର ବି ଅଂଚଳବାସୀଙ୍କ ପାଇଁ ସୁରକ୍ଷା କବଚ ସାଜିଛି । ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ତ୍ରିକୋଣଭୂମିରେ ଅବସ୍ଥିତ ଭିତରକନିକା ହେନ୍ତାଳ ବଣ ବା ଲୁଣା ଜଙ୍ଗଲ ଧାମରା ମୁହାଣ ଠାରୁ ବରୁଣେଇ ମୁହାଣ ପ୍ରାୟ ୬୭୨ ବର୍ଗ କିଲୋମିଟର ଯାଏ ବିସ୍ତାରିତ । ରାଇ, କେରୁଆଁ, ଗରାଣୀ, ପାଣିଆମ୍ବ, ପିତାମାରୀ, ହେନ୍ତାଳ ରୁଅ ଠାରୁ ହରକଚ, ବଣିଆ ପର୍ଯ୍ୟନ୍ତ, ଶିଆଳି ଲଟାଠାରୁ ଆରମ୍ଭ କରି ନେଡେଇ, ଗୋବରା, ଶୋଖେରା, ନାଳିଆ, ଓରୁଅ ପର୍ଯ୍ୟନ୍ତ ଅନେକ ଗୁଳ୍ମରୁ ଉଚ୍ଚ ପାଦପରାଜିରେ ଭିତରକନିକାର ଜୈବମଣ୍ଡଳ ସୁସମୃଦ୍ଧ । ତା' ମଧ୍ୟରେ ଅହିରାଜ, ଗୋଖର, ତମ୍ପ, କାଳୁଆ, ବୋଡ଼ା, ଲାଉଡଙ୍କ, ଧଣ୍ଡ, ଡମଣା ଆଦି ସରୀସୃପ ଏହି ପାଦପପୁଞ୍ଜର ସତର୍କ ପ୍ରହରୀ ପରି ଜଗି ରହିଥାନ୍ତି । 'ଗହୀରମଥା' ଏହାର ଏକ ଅତି ସୁନ୍ଦର ସାମୁଦ୍ରିକ ଅଭୟାରଣ୍ୟ । ଏହି ଅଭୟାରଣ୍ୟରେ ଅଲିଭ୍ ରିଡ୍ ?ଲେ କଇଁଛମାନଙ୍କର ଆଗମନ ଓ ଗଭୀର ଜଳରାଶି ମଧ୍ୟରେ ସେମାନଙ୍କର ମିଳନ ପ୍ରକ୍ରିୟା ଅତୀବ ମନୋରମ । ଗହୀରମଥାକୁ ସଂଲଗ୍ନ ଥିବା ହୁକିଟୋଲା, ଅଗରନାଶି ଓ ବରୁଣେଇ ବେଳାଭୂମି ଏହାର ଶୋଭା ବୃଦ୍ଧି କରିବା ସହିତ ବିଦେଶାଗତ ପକ୍ଷୀଙ୍କ କଳରବ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ତେଣୁ ରାଜନଗର ଅଂଚଳରେ ପାଣିପାଗ ବିଭାଗର ପୂର୍ବାନୁମାନଠାରୁ ପବନର ବେଗ ଅଧିକ ଥିଲେ ବି ଲୁଣା ଜଙ୍ଗଲ ପ୍ରାଚୀର ସଦୃଶ ଦଣ୍ଡାୟମାନ ହୋଇ ରକ୍ଷା କରିପାରିଲା । ବାତ୍ୟା ପ୍ରଭାବରେ ଉଚ୍ଚ ଜ୍ୱୁଆର ସମୁଦ୍ରରେ ଉଠିଥିଲେ ବି ହେନ୍ତାଳବଣ ତାହାକୁ ଅଟକାଇବାରେ ସକ୍ଷମ ହୋଇଛି ବୋଲି ପ୍ରାୟ ସମସ୍ତଙ୍କ ମତ । କିନ୍ତୁ ବିଡ଼ମ୍ବନାର ବିଷୟ, ଜାତୀୟ ଉଦ୍ୟାନ ଅଂଚଳରେ ହଜାର ହଜାର ଚିଙ୍ଗୁଡ଼ି ଘେରି ଓ ଚିଙ୍ଗୁଡ଼ି ଚାଷ ପାଇଁ ବ୍ୟବହୃତ ସାର, ବିଷାକ୍ତ ଔଷଧ ଏହାର ଜୈବବିବିଧତାକୁ ପ୍ରଭାବିତ କରିବା ସହିତ ବହୁ ଦୁଷ୍ପ୍ରାପ୍ୟ ବୃକ୍ଷଲତା ଓ ଜୀବଜନ୍ତୁମାନଙ୍କର ସଂଖ୍ୟା ହ୍ରାସ ପାଉଛି । ଏପରିକି ଚିଙ୍ଗୁଡ଼ି ଘେରିରେ ଦିନରାତି ଚାଲୁଥିବା ମୋଟର ପମ୍ପରୁ ନିର୍ଗତ ବିକଟାଳ ଶବ୍ଦରେ ବିଦେଶାଗତ ପକ୍ଷୀମାନେ ସୁରକ୍ଷିତ ମଣୁନାହାନ୍ତି । ତେଣୁ ପୃଥିବୀ ପ୍ରସିଦ୍ଧ ଏହି ଜାତୀୟ ଉଦ୍ୟାନଟିକୁ ଚିଙ୍ଗୁଡ଼ି ଘେରିମୁକ୍ତ କରିବା ସହିତ ଉଦ୍ୟାନ ସଂଲଗ୍ନ ଗ୍ରାମବାସୀମାନଙ୍କୁ ସଚେତନ କରି ନୂତନ ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବା ଓ ଜଳବାୟୁ ସହନଶୀଳ ପରିବେଶ ବ୍ୟବସ୍ଥା ନିର୍ମାଣ ପରି ମୌଳିକ ପ୍ରସଙ୍ଗଗୁଡ଼ିକୁ ଏଡ଼ାଇ ଦେବା ଅନୁଚିତ । ଏତଦ୍ବ୍ୟତୀତ, ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣର ମଧୁର ଓ ଲୁଣି ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସର୍ବେକ୍ଷଣର ଆବଶ୍ୟକତା ମଧ୍ୟ ରହିଛି । 'ଦାନା' ଭଳି ଏକ ବାତ୍ୟା ବିପର୍ଯ୍ୟୟକୁ ରୋକିବାରେ ବୃକ୍ଷସମ୍ପଦର ଉପକାରିତାକୁ ସ୍ମରଣ କରି ସୁରଞ୍ଜନ ବାବୁ ପ୍ରତ୍ୟାବର୍ତନ କରୁଥିଲେ । ତାଙ୍କର ମନେ ପଡୁଥିଲା ଆଜକୁ ୧୧୪ ବର୍ଷ ତଳେ ବୃକ୍ଷ ଉପରେ ଲେଖିଥିବା ଆମେରିକୀୟ କବି ଜୟସୀ କିଲ୍ମରଙ୍କର କବିତାର ପଙ୍କ୍ତିଟିଏ: "ଆଇ ହାଭ୍ ନେଭର୍ ସିନ୍ ଏ ପୋଏମ୍ ଆଜ୍ ଲଭଲି ଆଜ୍ ଟ୍ରିପୋଏମ୍ ?ସ ଆର୍ ମେଡ୍ ବାଇ ଫୁଲ୍ସ ଲାଇକ୍ ମି ବଟ୍ ଗଡ୍ ହାଜ୍ ମେଡ୍ ଦି ଟ୍ରି।" ସୁରଞ୍ଜନ ବାବୁ ମନେ ମନେ ପଙ୍କ୍ତିଟିର ଓଡ଼ିଆ ଅନୁବାଦ କରିବାକୁ ଚେଷ୍ଟା କରୁଥିଲେ: 'ବୃକ୍ଷ ପରି ମନୋରମ କବିତା ଦେଖିନାହିଁ କାହିଁ ମୁହିଁ, ମୋ ସମ ନିର୍ବୋଧ ସିନା ରଚନ୍ତି କବିତା, ବୃକ୍ଷ ଯେ ରଚିଛନ୍ତି ଜଗତର ସାଇଁ।'

# ଗଣତନ୍ତ୍ରର ହାଲ୍ : ମୋବାଇଲ ଫୋନ ବଳୟରେ ଶୈଶବ

**ସୁଧାଂଶୁ ଷଡ଼ଙ୍ଗୀ**

ଛୋଟ ପିଲାଟି ଅବାଧ ହେଲା । ବାପା-ମା' ମୋବାଇଲ ଫୋନରେ ୟୁ-ଟ୍ୟୁବ ଚଳେଇ ଧରେଇଦେଲେ । କାନ୍ଦ ବନ୍ଦ । ପିଲାଟି ୟୁ-ଟ୍ୟୁବ ଦେଖିବ । ଆଙ୍ଗୁଠିରେ ନିର୍ଦ୍ଦେଶ ଦେଲେ ଗୋଟିଏ ଭିଡିଓ ସରିଲେ ଆଉ ଗୋଟିଏ ଆସିବ । ଆଲଗୋରିଦମ ଜାଣିଛି, ପିଲାଟି କ'ଣ ଦେଖିବାକୁ ଭଲପାଏ । ଦେଖୁ ଦେଖୁ ଖାଇବ ଓ ଶେଷରେ ଶୋଇଯିବ । ଆଉ ପିଲାକୁ ଭୁଲେଇବା ପାଇଁ ଚଢ଼େଇ ଦେଖେଇବା ଦରକାର ନାହିଁ । ପୌରାଣିକ କାହାଣୀ, ଆଈ-ମା' ଗପ, ବୁଢ଼ୀ ଅସୁରୁଣୀର ଫରୁଆ ବିଷୟରେ ସେ ଶୁଣିବନି । କେହି ତାକୁ ଭୂତ, ବାୟା କି ପୋଲିସର ଭୟ ଦେଖାଇବା ଦରକାର ନାହିଁ । ମୋବାଇଲ ଫୋନ ପିଲାର ବାପା-ମା', ଅଜା-ଆଈ, ଶିକ୍ଷକ, ବନ୍ଧୁ ଓ ଜୀବନ । ନୂଆ ପ୍ରକାରର ଶୈଶବ । ଜନ୍ମର ପାଂଚ ବର୍ଷ ମଧ୍ୟରେ ଆମ ମସ୍ତିଷ୍କର ୯୫ ପ୍ରତିଶତ ବିକଶିତ ହୋଇଯାଏ । ବାକି ୫ ପ୍ରତିଶତ ବିକଶିତ ହେବାକୁ ଲାଗିଯାଏ ପରବର୍ତୀ କୋଡ଼ିଏ ବର୍ଷ । ଏହି ପାଂଚ ପ୍ରତିଶତ ହେଲା ମସ୍ତିଷ୍କର ସମ୍ମୁଖ ଭାଗ ଯାହା ଆମକୁ ଆତ୍ମସଂଯମ ଶିଖାଏ । ଏହି ପ୍ରକ୍ରିୟାଟି ଅତି ମନ୍ଥର । ଛୋଟ ପିଲାଟିଏ ସେଥିପାଇଁ ନିଆଁରେ ହାତ ଭର୍ତି କରିଦେଇପାରେ । ସବୁ ଅଭିଭାବକ ଏହା ଜାଣନ୍ତି ଓ ସତର୍କତା ଅବଲମ୍ବନ କରନ୍ତି । ଏହି ବୟସରେ ପ୍ରତ୍ୟେକ ସ୍ତନ୍ୟପାୟୀ ପ୍ରାଣୀ ଖେଳରୁ ଶିଖେ । ପ୍ରାୟ ଛ' ପ୍ରକାରର ଖେଳ ଖେଳାଯାଏ । ଉଚ୍ଚତା- ଯେମିତି ଗଛ ଚଢ଼ିବା, ଉପରକୁ ଚଢ଼ି ତଳକୁ ଖସଡ଼ାରେ ଖସିବା; ଗତି- ଦୌଡ଼ିବା, ଚକାଚକା ଭଉଁରି ଖେଳିବା; ଖେଳନା- ପଥର, ବାଲି, ବାଡ଼ି, କଣ୍ଢେଇ ଇତ୍ୟାଦି ଧରି ଖେଳିବା; ଡରିବାରୁ ମଜା ନେବା- ବାଣ, ରାମଦୋଳି; ଲଢ଼େଇ- ମିଛିମିଛିକା କୁସ୍ତି; ହଜିଯିବା- ଲୁଚକାଳି ଖେଳ । ପିଲା ଜନ୍ମ ହେଲାବେଳେ କେବଳ ଗୋଟିଏ କଥା ଜାଣିଥାଏ, କାନ୍ଦିବା । ବାକି ସବୁ ଶିଖିବାକୁ ପଡ଼େ । ମା' କୋଳରେ ଶିଶୁ ନିଜକୁ ସୁରକ୍ଷିତ ମନେକରେ । ତା'ପରେ ବାପା, ଭାଇ-ଭଉଣୀ, ସମ୍ପର୍କୀୟଙ୍କୁ ଚିହ୍ନେ । ଧୀରେ ଧୀରେ ଏହି ସୁରକ୍ଷିତ ବଳୟରୁ ବାହାରି ସମାଜକୁ ଜାଣେ ଓ ଜୀବନ ପାଇଁ ଆବଶ୍ୟକ କୌଶଳ ଶିଖିଯାଏ । ଏହା ଶାରୀରିକ ଓ ମାନସିକ ବିକାଶର ଏକ ସ୍ୱାଭାବିକ ପ୍ରକ୍ରିୟା । ଏହି ପ୍ରକ୍ରିୟାରେ ଆମେ ଜିତିବା-ହାରିବା, କଟି-ମିଟି, ଚାଲିବା-ଦୌଡ଼ିବା, ଡେଇଁବା ଶିଖୁ; ଆତ୍ମ-ପ୍ରତ୍ୟୟ ଲାଭ କରୁ । ଦୁଇଟି ସମାନ୍ତରାଳ ଧାରା ଶିଶୁର ବିକାଶରେ ପ୍ରତିବନ୍ଧକ ସାଜିଛି । ପ୍ରଥମ, ପିଲାଙ୍କ ସୁରକ୍ଷା କଡ଼ାକଡ଼ି କରିବାର ନିଶା । ଘରେ ଗୋଟିଏ-ଦୁଇଟି ପିଲା । ସମସ୍ତେ ଜଗିଛନ୍ତି । ପିଲାକୁ ସାହି-ପଡ଼ିଶାରେ ଖେଳିବାକୁ ଯିବାକୁ ଛଡ଼ା ଯାଏନି, ଏହି ଭୟରେ ଯେ କାଳେ କ'ଣ ଅଘଟଣ ଘଟିବ । ପିଲା ଖେଳିଲେ ବି ବୟସ୍କ ଓ ଜାଣିବା ଲୋକଙ୍କ ତତ୍ତ୍ୱାବଧାନରେ । ଏପରିକି ଖରା ଛୁଟିରେ ମାମୁ ଘରକୁ ବି ଯିବନି । ସ୍କୁଲ ଗଲେ, ଯନ୍ତାରେ ନେଇ ଗାଡ଼ି ସ୍କୁଲ ଦୁଆରେ ଛାଡୁଚି । ଅପରପକ୍ଷେ ମୋବାଇଲ ଫୋନ, ଲାପଟପ, ସ୍ମାର୍ଟ କ୍ଲାସରୁମ ସହ ପିଲାଦିନ କଟୁଛି । ଶିଶୁ କାଚ ପରି ଭଙ୍ଗୁର ନୁହେଁ ଯେ ପଡ଼ିଗଲେ ଭାଙ୍ଗିଯିବ । ସେ ନରମ, ନମନୀୟ ଓ ନିଷ୍କପଟ । ଆଜି କଟି ହେଲେ, କାଲି ମିଟି ହେଇଯିବ । ମନରେ କିଛି ଛଳ-କପଟ ରଖିବ ନାହିଁ । ଅଭିଭାବକ ନଥିଲେ, ଅଜଣା ଲୋକ ମଧ୍ୟ ଶିଶୁକୁ ସୁରକ୍ଷିତ ରଖିବେ । ଏହି ବୟସରେ ବିନା ତଦାରଖରେ ଖେଳିବା, ଅନ୍ୟମାନଙ୍କ ସଙ୍ଗେ ମିଶିବା, ଅଜଣା ଜାଗାକୁ ଯିବା ପିଲାଙ୍କୁ ଭବିଷ୍ୟତରେ ଆତ୍ମନିର୍ଭର କରେ । ମୋବାଇଲ ଫୋନ ବଳୟରେ ଶୈଶବ ଏକ ନୂଆ ପ୍ରକରଣ; ସ୍ୱାଭାବିକ ବା ସମୁଚିତ ନୁହେଁ । ୯୫ ପ୍ରତିଶତ ପିଲା ଏବେ ସାମାଜିକ ଗଣମାଧ୍ୟମରେ । ତାଙ୍କ ଭିତରୁ ଏକ-ତୃତୀୟାଂଶ ସବୁବେଳେ ମୋବାଇଲ ଫୋନ ବା କମ୍ପ୍ୟୁଟରକୁ ଚାହିଁ ରହିଛନ୍ତି । ଦିନରେ ତିନିରୁ ଆଠ ଘଣ୍ଟା ସେମାନେ ସାମାଜିକ ଗଣମାଧ୍ୟମରେ । ଏହା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି । ସେମାନଙ୍କ ଭିତରେ ଛାନିଆ ହେବା ପ୍ରବଣତା ବଢୁଛି । ମୋବାଇଲ ଫୋନରେ ନୋଟିଫିକେସନ ଆସିଲା କି ? କେଉଁଠି କ'ଣ ହେଲା, କିଏ କ'ଣ ପୋଷ୍ଟ କରିଛି ତାକୁ ଅନବରତ ଚାହିଁ ରହିଛନ୍ତି । ସମସ୍ତେ ଭଲ ଭଲ ପୋଷ୍ଟ କରୁଛନ୍ତି; କେଉଁ ହୋଟେଲରେ ଖାଇଲେ, କେଉଁଠିକି ବୁଲି ଗଲେ, ଜନ୍ମ ଦିନ ପାଳନ କଲେ । ପିଲାଟି ତୁଳନା କରୁଛି । ଭାବୁଛି ଏମିତି କିଛି ପୋଷ୍ଟ କରିବାକୁ ତାକୁ ପରବର୍ତୀ ସୁଯୋଗ କେବେ ମିଳିବ ? ସମୁଦ୍ର କୂଳକୁ ଯିବ, ଫଟୋ ଉଠାଇ ଅନ୍ୟକୁ ଦେଖେଇହେବା ପାଇଁ ପୋଷ୍ଟ କରିବ । ସେଲଫି ଓ ରିଲ ନିଶା ପ୍ରଚଣ୍ଡ । ଆଗରୁ ପରୀକ୍ଷାରେ ନମ୍ବରକୁ ନେଇ ପ୍ରତିଯୋଗିତା ଥିଲା । ଏବେ ହେଲା, କାହାର କେତେ 'ଫଲୋଅର୍', କାହାକୁ କେତେ 'ଲାଇକ୍' ମିଳୁଛି । ଯେଉଁ ପିଲା ଏହି ପ୍ରତିଯୋଗିତାରେ ପାରୁ ନାହାନ୍ତି, ସେମାନେ ହତାଶ; "ମୋ ଦ୍ୱାରା କିଛି ହବନି" ଭାବନା ତାଙ୍କୁ ଘାରୁଛି । ଗୁଡ଼ାଏ ଅନାବନା ତଥ୍ୟରେ ପିଲା ଉବୁଟୁବୁ । ସାମାଜିକ ଗଣମାଧ୍ୟମରେ ଯେଉଁ ସମୟ ଯାଉଛି, ତାହା କଟୁଛି ଖେଳରୁ, ଅନ୍ୟମାନଙ୍କ ସଙ୍ଗେ ମିଳାମିଶା କରିବାରୁ, ଶୋଇବାରୁ, ଗପ ବହି ପଢ଼ିବାରୁ ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin : 769003







# ସମାସିଂହାରେ ରାମଲୀଳା, ରାବଣପୋଡ଼ି ମହୋତ୍ସବ ଉଦ୍‌ଯାପିତ



ଝାରସୁଗୁଡ଼ା,୨୩/୧୦(ନି/ପ୍ର): କୋଲାବିରା ବ୍ଲକ ସମାସିଂହା ଗ୍ରାମରେ ସ୍ଥାୟୀ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା, ଚାରି ଦିନ ବ୍ୟାପି ରାବଣ। ଦରବାର ସହ ରାମଲୀଳା ମହୋତ୍ସବ ଓ ରାବଣ ପୋଡ଼ି ମହୋତ୍ସବ ମଙ୍ଗଳବାର ମହାସମାରୋହରେ ଉଦଯାପିତ ହୋଇଯାଇଛି । ପ୍ରଗତି ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଶହରା ମହୋତ୍ସବ ପାଳିତ ହୋଇଯାଇଛି । ସମାସିଂହାରେ ରାବଣ ବଧ ସହ ଅନ୍ୟାୟ ଅତ୍ୟାଚାର ର ଶେଷ ହୋଇ ସତ୍ୟର ବିଜୟ ହୋଇଛି । ରାବଣ ବଧ ସହ ରାମ ରାଜ୍ୟ ଗଠନ ହୋଇଛି । ପ୍ରଥମ ରାମଲୀଳା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେଯୋଗଦେଇ ସମସିଂହା ଅଂଚଳର ସର୍ବାଙ୍ଗିନ ଉନ୍ନତି ପାଇଁ ସେ ସଂକଳ୍ପ ବଦ୍ଧ ବୋଲି ବର୍ଣ୍ଣନା କରିଥିଲେ । ଚାଷୀ ଙ୍କ ସୁବିଧା ପାଇଁ ଏବେ ଭେଡେନ ନଦୀରେ ଏକ ଆଡ଼ିବନ୍ଧ ନିର୍ମାଣ ହେବାକୁ ଯାଉଛି ବୋଲି ସେ ବର୍ଣ୍ଣନା କରିଥିଲେ । ଏହାସହ ସ୍ଥାୟୀ ରାମଲୀଳା ମହୋତ୍ସବ ମଣ୍ଡପ ନିର୍ମାଣ କରିବା ପାଇଁ ସେ ଅର୍ଥ ର ବ୍ୟବସ୍ଥା କରିବେ ବୋଲି ଶ୍ରୀ ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିଲେ । ଏହାସହ ଦୁର୍ଗାପୂଜା ର ପୂର୍ଣ୍ଣାହୁତି ଓ ରାମଲୀଳା ମହୋତ୍ସବ ର ଶେଷ ସନ୍ଧ୍ୟାରେ ପୂର୍ବ ବିଧାୟିକା ଦୀପାଳି ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଏହାସହ ବିଭିନ୍ନ ଦିବସରେ ସାମ୍ବାଦିକ ସୁମନ୍ତ ଶେଖର ବହିଦାର, ସୁକାନ୍ତ ସାହୁ, ସମାଜସେବୀ ଆଶିଷ ଦାଶ, ପୂର୍ବତନ ସରପଂଚ ତୁଳାରାମ ସେନାପତି, ପୂର୍ବ ସରପଂଚ ହେମନ୍ତ ସାହୁ, କୃଷକ ସଂଘ ସଭାପତି ଚେତାନନ୍ଦ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ ପଟେଲ, ପ୍ରଗତି ସଂଘ ସଭାପତି ମନୋଜ କାଲୋ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ମଙ୍ଗଳବାର ରାମଲକ୍ଷ୍ମଣ ଙ୍କ ସହ ରାବଣ ଙ୍କ ଯୁଦ୍ଧ ହେବା ସହ ରାବଣ ବଧ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲା ବୁଢୁଲା ର ମନୋଜ ପ୍ରଧାନ ରାବଣ ଭୂମିକା ରେ ଅବତୀର୍ଣ୍ଣ ହୋଇଥିଲେ । ରାବଣ ବଧ ପରେ ଆକର୍ଷଣୀୟ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଠିକ ଏହିପରି ଦୁର୍ଗା ମନ୍ଦିରରେ ମଙ୍ଗଳବାର ଦଶମୀ ତିଥିରେ ହୋମଯଜ୍ଞ ଓ ପୂର୍ଣ୍ଣାହୁତି ସହ ନବରାତ୍ର ପୂଜା ସମ୍ପନ୍ନ ହୋଇଛି । ଏଥିରେ ମନୋଜ ପଟେଲ ସପତ୍ନୀକ କର୍ତ୍ତା ଓ କ୍ଷୀରୋଦ ପଟେଲ ପୂଜକ ଦାୟିତ୍ୱ ତୁଲାଇଥିଲେ । ଦଶହରା ମହୋତ୍ସବ ରେ ପ୍ରଗତି ସଂଘ ସଭାପତି ମନୋଜ କାଲୋ, ସମ୍ପାଦକ ପ୍ରକାଶ ସାହୁ, କୋଷାଧ୍ୟକ୍ଷ ଯୋଗେଶ୍ୱର ସେନାପତି, ଦୁର୍ଗାପୂଜା ପରିଚାଳନା କମିଟି ସଭାପତି ଅଜିତ ସେନାପତି, ଉପସଭାପତି ପ୍ରକାଶ ସାହୁ, ସମ୍ପାଦକ କାହ୍ନୁ ସେନାପତି, ସହସମ୍ପାଦକ ଗୌର ପଣ୍ଡା ଓ କୋଷାଧ୍ୟକ୍ଷ ମନୋଜ ପଟେଲଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# କୋଲାବିରା ବଏଲ ଯାତ୍ରା ସମ୍ପନ୍ନ



ଝାରସୁଗୁଡା,୨୩/୧୦(ନି/ପ୍ର): ପୁରାତନ ଜୟପୁର ଇଷ୍ଟେଟ ତଥା ବର୍ତ୍ତମାନ ର କୋଲାବିରା ର ପ୍ରସିଦ୍ଧ ଦକ୍ଷିଣ କାଳୀ ବଏଲ ଯାତ୍ରା ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇ ବୁଧୁବାର ମଧ୍ୟାହ୍ନ ରେ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ସନ୍ଧ୍ୟାରେ ମନ୍ଦିରରେ ରାଜପୁରୋହିତ ପ୍ରଦ୍ୟୁମ୍ନ ପୁରୋହିତ ଙ୍କ ପୂଜାର୍ଚ୍ଚନା ପରେ ବରୁଆଙ୍କ ଦେହରେ ଦେବୀଙ୍କ ପ୍ରବେଶ କରାଯାଇଥିଲ । ଏହାପରେ ଦେବୀଙ୍କ ବରୁଆ କୁ ଗୀତ ବାଦ୍ୟ ର ତାଳେ ତାଳେ ଗ୍ରାମ ପରିକ୍ରମା କରାଯାଇଥିଲା । ଦେବୀଙ୍କ ବରୁଆ କୁ ଘରେ ଘରେ ପୂଜାର୍ଚ୍ଚନା କରାଯାଇଥିଲା । ମାନସିକ ରଖିଥିବା ଭକ୍ତ ଦେବୀଙ୍କୁ ବୋଦା ବଳି ଦେଇଥିଲେ । ଜମିଦାରଙ୍କ ରାଜପ୍ରାସାଦ ରୁ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ଙ୍କ ନେତୃତ୍ୱରେ ରଣଜିତା ଙ୍କ ଏକ ବିରାଟ ପଟୁଆର ବାହାରି ରଣଜିତା ଦେବୀ ଙ୍କ ପଡ଼ିଆ କୁ ପହଂଚିଥିଲା । ଏଠାରେ ଖଣ୍ଡା ଖେଳ ଅନୁଷ୍ଠିତ ହୋଇଥିଲା । ବାଟରେ ବରୁଆ ଙ୍କ ସହ ରଣଜିତା ଙ୍କ ଅପୂର୍ବ ଭେଟ ହୋଇଥିଲା । ଜମିଦାର ବଂଶଜ ରୁଦ୍ରପ୍ରତାପ ସିଂହ ଙ୍କ ନେତୃତ୍ୱରେ ଦେବୀ ଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଏଥିରେ ଯୋଗୀନ୍ଦ୍ର ରାଏ ବରୁଆ ଦାୟିତ୍ୱ ତୁଲାଇଥିଲେ । ପ୍ରଦ୍ୟୁମ୍ନ ପୁରୋହିତ ଓ ବିଜୟ ପୂଜାରୀ ପୂଜକ ଦାୟିତ୍ୱ ତୁଲାଇଥିଲେ । ମନ ରାଏ, ମାନଭଞ୍ଜନ ସିଂହ, ସ୍ମୃତି ରଞ୍ଜନ ରାଏ, ସନ୍ତୋଷ ଦଳେଇ, ଲଳିତ ସାହୁ ପ୍ରମୁଖ ବରୁଆ ଙ୍କ ସହଯୋଗୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବୁଧୁବାର ପୂର୍ବାହ୍ନ ରେ ଦକ୍ଷିଣ କାଳୀ ମନ୍ଦିର ପରିସରରେ ଦେବୀଙ୍କ ଖଣ୍ଡା ଖେଳ ଅନୁଷ୍ଠିତ ହୋଇଥିଲା । ଖଣ୍ଡା ଖେଳ ପରେ ମନ୍ଦିରରେ ଦେବୀଙ୍କ ପାଟ ଯାଇଥିଲା । ଅପରପକ୍ଷରେ ମଙ୍ଗଳବାର ଅପରାହ୍ନ ରେ ଦକ୍ଷିଣ କାଳୀ ମନ୍ଦିର ରେ ଦଶହରା ପୂର୍ଣ୍ଣାହୁତି ପୂଜା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ପୂଜାର୍ଚ୍ଚନା ରେ ଜମିଦାର ବଂଶଜ ରୁଦ୍ରପ୍ରତାପ ସିଂହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପୂଜା ଓ ଯାତ୍ରା ରେ ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବ ବିଧାୟିକା ଦୀପାଳି ଦାସ, ସମାଜସେବୀ ମିନତି ଦାସ ପ୍ରମୁଖ ଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ଯାତ୍ରା ପାଇଁ ବିଭିନ୍ନ ସ୍ଥାନରେ ଅର୍କେଷ୍ଟା, ଆଧୁନିକ କୃଷ୍ଣଗୁରୁ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବଏଲ ଯାତ୍ରା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଯାତ୍ରା ରେ ପ୍ରବଳ ଭିଡ଼ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୋଲାବିରା ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା ।

# କୋଲାବିରା ସମଲେଇ ମନ୍ଦିରରେ ଦଶହରା ପୂଜା ସମ୍ପନ୍ନ

ଝାରସୁଗୁଡ଼ା,୨୩/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ସ୍ଥିତ ବହୁ ପୁରାତନ ଶ୍ରୀ ଶ୍ରୀ ମା ସମଲେଇ ମନ୍ଦିରରେ ଚାଲିଥିବା ନବରାତ୍ର ଦଶହରା ପୂଜା ମଙ୍ଗଳବାର ଦଶମୀ ତିଥିରେ ଉଦଯାପିତ ହୋଇଯାଇଛି । ମଙ୍ଗଳବାର ଦଶମୀ ପୂଜା, ଚଣ୍ଡୀପାଠ, ପୂର୍ଣ୍ଣାହୁତି ପୂଜା ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠିତ ପୂଜାରେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ କର୍ତ୍ତା, ଭଗବାନ ରାଏ ଓ ଦଶରଥ ରାଏ ସହକର୍ତ୍ତା ଏବଂ ଚନ୍ଦ୍ରଶେଖର ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠିତ ପୂର୍ଣ୍ଣାହୁତି ପୂଜାରେ ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବ ବିଧାୟିକା ଦୀପାଳି ଦାସ, ଛତିଶଗଡ ରାଜ୍ୟ ମାନପୁର ବିଧାୟକ,ଜିଲ୍ଲାପରିଷଦ ସଭ୍ୟ ନୃପଲାଲ ପଶାୟତ ପ୍ରମୁଖ ଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଓ ଭକ୍ତ ଯୋଗଦେଇଥିଲେ । ଅନୁଷ୍ଠିତ ପୂଜାର୍ଚ୍ଚନା ରେ ମୌରସି ସେବାୟତ ପ୍ରେମସେନ ରାଏ, ସୁଶାନ୍ତ ରାଏ, ପଂଚାନନ ରାଏ, ଶୈଳେନ୍ଦ୍ର ରାଏ, ନିଲୁ ରାଏ, ଅଶ୍ୱିନୀ ରାଏ, ଭବାନୀ ରାଏ ପ୍ରମୁଖ ସହଯୋଗ କରିଥିଲେ । ପୂର୍ଣ୍ଣାହୁତି ପରେ ହଜାର ହଜାର ଶ୍ରଦ୍ଧାଳୁ ଙ୍କୁ ଅନ୍ନ ଭୋଗ ବଂଟନ କରାଯାଇଥିଲା । ରାତ୍ରରେ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ଦିର ପୂଜା କମିଟି ର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# ଐତିହାସିକ ସାଲେଭଟା ମାଁ ପାଟଣେଶ୍ୱରୀଙ୍କ ବଏଲ ଯାତ୍ରା

ବଲାଙ୍ଗିର,୨୩/୧୦(ନି/ପ୍ର):ବଲାଙ୍ଗିର ଆଗଲପୁର ବ୍ଲକ ଅନ୍ତର୍ଗତ ସାଲେଭଟା ଗ୍ରାମରେ ପୂର୍ବ ପାଟଣା ଶାସନ ସମୟରେ ୧୫୦୦ ଖ୍ରୀଷ୍ଟାବ୍ଦ ରେ ରାଜା ବଳରାମ ଦେଓ ମାଁ ପାଟଣେଶ୍ୱରୀ, ମାଁ ସମଲେଶ୍ୱରୀ ପୂଜାଅର୍ଚ୍ଚନା କରି ସ୍ଥାପନ କରିଥିଲେ । ମାଁ ପଟଣେଶ୍ୱରୀ ପାଟଣାମୁହାଁ ତଥା ବଲାଙ୍ଗିର ମୁହାଁ ହୋଇଥିବା ବେଳେ ମାଁ ସମଲେଶ୍ୱରୀ ହୁମା ସମ୍ବଲପୁର ମୁହାଁ ହୋଇଛନ୍ତି । ୨୬ଗଡ ମଧ୍ୟରୁ ମୁଖ୍ୟତଃ ବେଶ ପରିଚୟ ଥିଲା ଏହି ଗଡ । ସାଲେଭଟାରେ ମନ୍ତ୍ର, ତନ୍ତ୍ର, ସାଧନାର ପୀଠ । ଏହି ଗମ୍ଭିରାରେ ଦୁଇ ଭଉଣୀ ପୂଜା ପାଉଥିବା ବେଳେ ପ୍ରତ୍ୟେକ ଦଶହରା, ଚୈତ୍ର ପର୍ବରେ ବେଶ ଧୁମଧାମରେ ପାରଂପାରିକ ରୀତିନୀତିରେ ପୂଜା ଆୟୋଜିତ ହୁଏ ।

# ୨ ଦେଶୀ ବନ୍ଧୁକ ଓ ୩ ରାଉଣ୍ଡ ଗୁଳି ଜବତ, ଯୁବକ ଗିରଫ

ଝାରସୁଗୁଡା,୨୩/୧୦(ନି/ପ୍ର): ବ୍ରଜରାଜନଗର ପୁଲିସକୁ ବେଆଇନ ଅସ୍ତ୍ର ଜବତ କ୍ଷେତ୍ରରେ ସଫଳତା ମିଳିଛି । ଓପିଏମ୍ ଫିଲ୍ଟର ପ୍ରବେଶ ଦ୍ୱାର ନିକଟରେ ଚଢ଼ାଉ କରି ପୁଲିସ ଦୁଇଟି ଦେଶୀ ବନ୍ଧୁକ, ୩ ରାଉଣ୍ଡ ଜୀବନ୍ତ ଗୁଳି ଓ ଗୋଟିଏ ରୟାଲ ଏନଫିଲ୍ଡ ମୋଟରସାଇକେଲ ଜବତ କରିବା ସହ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ ଓପିଏମ୍ କଲୋନୀର ଆଦିତ୍ୟ ଶର୍ମା ଓରଫ ଆଦି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ବ୍ରଜରାଜନଗର ଥାନା ଅଂଚଳରେ ଏସ୍‌ଆଇ ପ୍ରଭାକର ପାତ୍ରଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଟନେଲ ରୋଡ୍ରେ ପାଟ୍ରୋଲିଂ କରୁଥିଲା । ରାତି ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ଓପିଏମ୍ ଫିଲ୍ଟ ନିକଟରେ ଜଣେ ଯୁବକ ମୋଟରସାଇକେଲରେ ବେଆଇନ ବନ୍ଧୁକ ନେଇ ଯାଉଥିବା ନେଇ ପୁଲିସକୁ ବିଶ୍ୱସନୀୟ ସୂଚନା ମିଳିଥିଲା । ଏହାପରେ ପୁଲିସ ଦୁଇଜଣ ସ୍ୱାଧୀନ ସାକ୍ଷୀଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ପହଂଚିଥିଲା । ପୁଲିସକୁ ଦେଖି ଯୁବକ ଜଣକ ମୋଟରସାଇକେଲରେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ ଓପିଏମ୍ ଫିଲ୍ଟର ପ୍ରବେଶ ଦ୍ୱାର ନିକଟରେ କାବୁ କରାଯାଇଥିଲା । ତଲାସୀ ସମୟରେ ଯୁବକଙ୍କ ଡାହାଣ ପାର୍ଶ୍ୱ ପ୍ୟାଂଟ ପକେଟରୁ ଗୋଟିଏ ଦେଶୀ ଏକନଳୀ ବନ୍ଧୁକ ଓ ୮ ଏମ୍‌ଏମ୍ର ୩ ରାଉଣ୍ଡ ଜୀବନ୍ତ ଗୁଳି ମିଳିଥିଲା । ସେହିପରି ଅଂଟାର ବାମ ପାର୍ଶ୍ୱରୁ ମ୍ୟାଗାଜିନ୍ ଲାଗିଥିବା ଆଉ ଗୋଟିଏ ଦେଶୀ ପିସ୍ତଲ ଜବତ ହୋଇଥିଲା । ଅସ୍ତ୍ରଶସ୍ତ୍ର ରଖିବା ପାଇଁ ଯୁବକଙ୍କ ପାଖରେ କୌଣସି ବୈଧ ଲାଇସେନ୍ସ ନଥିବା ଜଣାପଡ଼ିଥିଲା । ପରେ ଆଇନଗତ ପ୍ରକ୍ରିୟା ଅନୁସାରେ ବନ୍ଧୁକ, ଗୁଳି ଓ ମୋଟରସାଇକେଲକୁ ଜବତ କରାଯାଇଥିଲା । ଗିରଫ ଆଦିତ୍ୟ ଶର୍ମା ଓରଫ ଆଦି ବ୍ରଜରାଜନଗର ଥାନା ଅନ୍ତର୍ଗତ ଓପିଏମ୍ କଲୋନୀ ଏ-ଲାଇନ୍ର ବାସିନ୍ଦା । ଏହି ଘଟଣାରେ ବ୍ରଜରାଜନଗର ଥାନା କେସ୍ ନମ୍ବର ୨୪୭, ତାରିଖ ୧୯ ଅକ୍ଟୋବର ୨୦୨୬ରେ ଭାରତୀୟ ଅସ୍ତ୍ରଶସ୍ତ୍ର ଆଇନ, ୧୯୫୯ର ଧାରା ୨୫(୧-ବି)(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି । ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି ।ପୁଲିସ ସୂଚନା ଅନୁଯାୟୀ, ଆଦିତ୍ୟଙ୍କ ନାମରେ ପୂର୍ବରୁ ମଧ୍ୟ ଦୁଇଟି ମାମଲା ରହିଛି । ଏଥିମଧ୍ୟରୁ ବ୍ରଜରାଜନଗର ଥାନାରେ ୨୦ ଜାନୁଆରୀ ୨୦୨୬ରେ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫(୧-ଏ) ଅନୁଯାୟୀ କେସ୍ ନମ୍ବର ୧୭ ରୁଜୁ ହୋଇଥିଲା । ସେହିପରି ଝାରସୁଗୁଡ଼ା ଥାନାରେ ୧୯ ଅଗଷ୍ଟ ୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୩୧/୩୦୫(ଏ) ଅନୁଯାୟୀ କେସ୍ ନମ୍ବର ୭୬ ରୁଜୁ ହୋଇଥିଲା ।

# ଚଟାହାଣ୍ଡି ସମନ୍ୱିତ ଭିତିଭୂମି କଂପ୍ଲେକ୍ସ ପରିଦର୍ଶନ କଲେ ଜିଲ୍ଲାପାଳ



ନବରଙ୍ଗପୁର,୨୩/୧୦(ନି/ପ୍ର): ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଆଜି ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ଚଟାହାଣ୍ଡିସ୍ଥିତ ସମନ୍ୱିତ ଭିନିଭୂମି ପରିସର (ଓଓଉ) ପରିଦର୍ଶନ କରି ପରିସରର ସଫେଇ କାର୍ଯ୍ୟ ତଥା ବିଭିନ୍ନ ଅନୁଷ୍ଠାନର ଶୀଘ୍ର ସ୍ଥାନାନ୍ତରଣ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ତୁରନ୍ତ ସମ୍ପନ୍ନ କରିବା ସହ ନଭେମ୍ବର ମାସ ଶେଷ ସୁଦ୍ଧା ଏହି ପରିସରର ଉଦ୍ ?ଘାଟନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ, ପରିସରକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ସମସ୍ତ ପ୍ରସ୍ତୁତିମୂଳକ କାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ସହ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରି ଜିଲ୍ଲା ସମସ୍ତ ସ୍ୱତନ୍ତ୍ର ବିଦ୍ୟାଳୟ, ବୃଦ୍ଧାଶ୍ରମ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକୁ ଏହି ସମନ୍ୱିତ ଭିତିଭୂମି ପରିସରକୁ ସ୍ଥାନାନ୍ତରଣ କରିବା ସମ୍ପର୍କରେ ଆଲୋଚନା ପାଇଁ ଏକ ବୈଠକ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

# କୋଲାବିରାରେ ଆରଏସଏସର ବିଜୟା ଦଶମୀ ଉତ୍ସବ

ଝାରସୁଗୁଡା,୨୩/୧୦(ନି/ପ୍ର): କୋଲାବିରା, କିର୍ମିରା ଓ ଲଇକେରା ବ୍ଲକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ସ୍ୱୟଂସେବକ ମାନଙ୍କ ପକ୍ଷରୁ କୋଲାବିରା ସମଲେଇ ମନ୍ଦିର ପ୍ରାଙ୍ଗଣ ରେ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରାରମ୍ଭ ରେ ଗାୟତ୍ରୀ ମନ୍ଦିରରେ ସଂଘର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆରଏଏସ ର ପ୍ରତିଷ୍ଠା ବିଜୟା ଦଶମୀ ରେ ହୋଇଥିବା ବେଳେ ସଂଘ ଏବେ ନିଜର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଛି । ଏ ପରିପ୍ରେକ୍ଷୀରେ ଗତ ୧୮ ତାରିଖ ସମଲେଇ ମନ୍ଦିର ରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ପଥ ସଂଚାଳନ ଘୋଷ ଯାତ୍ରା ମିନିଷ୍ଟାଡିୟମ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏ ଅବସରରେ କୋଲାବିରାର ପୂର୍ବତନ ଜମିଦାର ତଥା ସ୍ୱାଧୀନତା ସଂଗ୍ରାମୀ ସହୀଦ କରୁଣାକର ସିଂହ ନାଏକ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହାସହ ମିନିଷ୍ଟାଡିୟମ ରେ ବିଜୟା ଦଶମୀ ଉତ୍ସବ ପାଳନ କରାଯାଇଥିଲା । ଏଥିରେ ସଂଘର ପଶ୍ଚିମ ଓଡ଼ିଶା ପ୍ରାନ୍ତର ପ୍ରଚାର ପ୍ରମୁଖ ମହେଶ୍ୱର ବେହେରା ମୂଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ଏଥିରେ କୋଲାବିରା ବ୍ଲକ ଖଣ୍ଡ ସଂଘ ଚାଳକ ରାଜେଶ କୁମାର ସାହୁ, ସେଓ୍ୱା ଅନୁଷ୍ଠାନ ର ସମ୍ପାଦକ ସୁଶିଲ କୁମାର ଦାଶ, ଜିଲ୍ଲା ସଂଘ ଚାଳକ ଯୁଧିଷ୍ଠିର ବେହେରା ପ୍ରମୁଖ ମଂଚାସିନ ଥିଲେ । ଏଥିରେ ତିନୋଟି ବ୍ଲକ ସ୍ୱୟଂ ସେବକ ଯୋଗଦେଇଥିଲେ

# କୋଲାବିରା ଫୁଟବଲ :ଦେବାଡିହି ଚମ୍ପିଆନ



ଝାରସୁଗୁଡ଼ା,୨୩/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଗ୍ରାମ ରେ ପ୍ରସିଦ୍ଧ ବଏଲ ଯାତ୍ରା ଉପଲକ୍ଷେ ଦ୍ୱିଦିବସିୟ ଫୁଟବଲ୍ ଟୁର୍ଣ୍ଣାମେଂଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି ।ଏହାର ଫାଇନାଲ ଖେଳରେ ଦେବାଡିହି ଦଳ ୧-୦ ଗୋଲରେ ନାଗୁପତ୍ରା ଦଳକୁ ପରାସ୍ତ କରି ଚଳିତ ବର୍ଷ ଚମ୍ପିଆନ ହୋଇଛି । ଟୁର୍ଣ୍ଣାମେଂଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ କ୍ଷ ଖେଳ ଗୁଡିକୁ ରେଫରି ଲେଲିନ ପଟେଲ, ସାଗର ନାଏକ, ଲକ୍ଷ୍ମଣ କିସାନ, ନୀଳ ନାଏକ, ଧୀରଜ ଲୁହାର, ତୁଷାର ଲୁହାର ଓ କାର୍ତ୍ତିକ ଦାସ ପ୍ରମୁଖ ପରିଚାଳନା କରିଥିଲେ । ସେଓ୍ୱା ଅନୁଷ୍ଠାନ ର ବିନ୍ନ ଅଧିକାରୀ ଶ୍ରୀକାନ୍ତ କଉଡ଼ି ଧାରାବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନରସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏଥିରେ ସେଓ୍ୱା ଅନୁଷ୍ଠାନ ର ସମ୍ପାଦକ ସୁଶିଲ କୁମାର ଦାଶ, ବିଜେପି ମଣ୍ଡଳ ସଭାପତି ରାଜେଶ ଦାଶ, ସାଂସଦ ପ୍ରତିନିଧି ସମରେନ୍ଦ୍ର ରାଏ, ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ଲିଙ୍କନ ଟଣ୍ଡକାର, ପୂର୍ବତନ ସରପଂଚ କରୁଣାକର ସେଟ, ଭବାନୀପାଟଣା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଛବିଲାଲ ସାହୁ, ଝିର୍ଲାପାଲି ସରପଂଚ ତିଲୋତ୍ତମା ଛଛାନ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ବେହେରା, ଅବସରପ୍ରାପ୍ତ ସେନା କର୍ମଚାରୀ ମହେନ୍ଦ୍ର ସାହୁ, ସାମ୍ବାଦିକ ସୁକାନ୍ତ ସାହୁ, ସରପଂଚ ଚେତାନନ୍ଦ ନଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ କ୍ଷ ଅପରପକ୍ଷରେ ସୋମବାର ଏହି ଟୁର୍ଣ୍ଣାମେଂଟର ଉଦଘାଟନୀ ଉତ୍ସବରେ କୋଲାବିରା ଭାରପ୍ରାପ୍ତ ସରପଂଚ ଅଞ୍ଜଳି ବାଗ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଏହି ଟୁର୍ଣ୍ଣାମେଂଟରେ ଆୟୋଜକ ମା ସମଲେଶ୍ୱରୀ କ୍ଲବର ସଭାପତି ଗଣେଶ ପ୍ରଧାନ, ସମ୍ପାଦକ ରାକେଶ ବୁଢୁଲା, ସଦସ୍ୟ ଗୋପବନ୍ଧୁ କିସାନ, ଯତୀଶ ବୁଢୁଲା, ଅମିର କିସାନ, ରାଜା ବୁଢୁଲା, ମୁକେଶ ନାଏକ, ଦେବାଶିଷ ବାଗ, ଅଲେଖ କିସାନ, ଟିଙ୍କୁ ବୁଢୁଲା, ବିନୋଦ କିସାନ ପ୍ରମୁଖ ଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଜଙ୍ଗଲ ଭିତରେ ଏନକାଉଟଂର : ଡାକ୍ତରଖାନାରେ ଭର୍ତ୍ତି ହେଲା କୁଖ୍ୟାତ ଅପରାଧୀ



ବ୍ରଜରାଜନଗର,୨୩/୧୦(ନି/ପ୍ର): ଝାରସୁଗୁଡ଼ାରେ ପୁଲିସ ଓ ଦୁର୍ଦ୍ଦାନ୍ତ ଅପରାଧୀ ମୁହାଁମୁହିଁ ହୋଇଛନ୍ତି । ଓରିଏଟଂ ଥାନା ଅନ୍ତର୍ଗତ ଆମଦରହ ଜଙ୍ଗଲରେ ପୁଲିସର ଏନକାଉଟଂର ହୋଇଛି । ପୁଲିସର ପାଲଟା ଗୁଳିଚାଳନାରେ ଗୁରୁତର ହୋଇଛି କୁଖ୍ୟାତ ଅପରାଧୀ ବଟିଂ ପ୍ରସାଦ । ୧୭ଟି ସଙ୍ଗୀନ ମାମଲାରେ ଫେରାର ଥିବା ଏହି ୱାରେଟିଂ ଅପରାଧୀକୁ କାବୁ କରିଛି ପୁଲିସ । ପୁଲିସ କହିଛି ଯେ, ଆମଦରହ ଜଙ୍ଗଲରେ ହନୁମାନ ନଗର ଅଂଚଳର କୁଖ୍ୟାତ ଅପରାଧୀ ବଟିଂ ପ୍ରସାଦ ଲୁଚି ରହିଥିବା ନେଇ ପୁଲିସକୁ ମିଳିଥିଲା ସୂଚନା । ଖବର ପାଇ ଓରିଏଟଂ ଥାନା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଜଙ୍ଗଲକୁ ଘେରାବନ୍ଦୀ କରି କମ୍ବିଂ ଅପରେସନ ଆରମ୍ଭ କରିଥିଲା । ନିଜକୁ ଘେରି ହୋଇଥିବା ଦେଖି ଧରାପଡ଼ିବା ଭୟରେ ପୁଲିସ ଉପରକୁ ଅତର୍କିତ ଗୁଳି ଚଳାଇଥିଲା ବଟିଂ । ପୁଲିସ କର୍ମଚାରୀମାନେ ଅଳ୍ପକେ ବର୍ତ୍ତିଯିବା ସହ ଆତ୍ମରକ୍ଷା ପାଇଁ ନିୟନ୍ତ୍ରିତ ପାଲଟା ଗୁଳିଚାଳନା କରିଥିଲେ । ଏଥିରେ ବଟିଂର ବାମ ଗୋଡ଼ରେ ଗୁଳି ବାଜିବାରୁ ସେ ତଳେ ଟଳି ପଡ଼ିଥିଲା । ତୁରନ୍ତ ତାକୁ କାବୁ କରି ଚିକିତ୍ସା ପାଇଁ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରୁ ବେଆଇନ ମାରଣାସ୍ତ୍ର ମଧ୍ୟ ଜବତ କରିଛି ପୁଲିସ । ଓରିଏଟଂ ଥାନା କେସ୍ ନମ୍ବର ୨୪୯/୨୦୨୬ ଅଧୀନରେ ବଟିଂକୁ ଧରିବାକୁ ଖୋଜୁଥିଲା ପୁଲିସ । ତା' ନାଁରେ ଝାରସୁଗୁଡ଼ା, ବ୍ରଜରାଜନଗର ଓ ଓରିଏଟଂ ଥାନାରେ ହତ୍ୟା ଉଦ୍ୟମ, ଡକାୟତି ଯୋଜନା, ସଙ୍ଗଠିତ ଅପରାଧ ଓ ବେଆଇନ ବନ୍ଧୁକ କାରବାର ଭଳି ରହିଛି ପାଖାପାଖି ୧୭ଟି ସଙ୍ଗୀନ ମାମଲା । ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ର କହିଛନ୍ତି, ଜିଲ୍ଲାରେ ଆଇନଶୃଙ୍ଖଳା ବଜାୟ ରଖିବା ଓ ଅପରାଧୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆମର ମୁଖ୍ୟ ପ୍ରାଥମିକତା । ଅପରାଧୀ ବଟିଂ ପ୍ରସାଦ ପୁଲିସ ଟିମ୍ ଉପରକୁ ସିଧାସଳଖ ଗୁଳି ଚଳାଇ ଫେରାର ହେବାକୁ ଚେଷ୍ଟା କରୁଥିଲା । ଆତ୍ମରକ୍ଷା ଉଦ୍ଦେଶ୍ୟରେ ପୁଲିସ ବାଧ୍ୟ ହୋଇ ନିୟନ୍ତ୍ରିତ ପାଲଟା ଗୁଳିଚାଳନା କରିଛି । ଝାରସୁଗୁଡ଼ାରେ ସଙ୍ଗଠିତ ଅପରାଧ ଏବଂ ବେଆଇନ ମାରଣାସ୍ତ୍ର କାରବାର ବିରୋଧରେ ଆମର ଜିରୋ ଟଲରାନ୍ସ ନୀତି ରହିଛି । ଆଇନକୁ ହାତକୁ ନେଉଥିବା ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ । ତେବେ କେବଳ ବଟିଂ ନୁହେଁ, ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ସହଯୋଗୀ ଓ ଅସ୍ତ୍ର ଯୋଗାଣକାରୀଙ୍କ ଉପରେ ମଧ୍ୟ ପୁଲିସ କଡ଼ା ନଜର ରଖିଛି ଏବଂ ସମଗ୍ର ନେଟୱାର୍କର ଚେର ଖୋଜାଯିବ ବୋଲି ଏସପି ସ୍ପଷ୍ଟ କରିଛନ୍ତି । ଏହି ଏନକାଉଟଂର ପରେ ସମଗ୍ର ବ୍ରଜରାଜନଗର ତଥା ଶିଳ୍ପାଂଚଳରେ ଚାଂଚଲ୍ୟ ଖେଳିଯାଇଥିବା ବେଳେ ପୁଲିସ ପକ୍ଷରୁ ସୁରକ୍ଷା ଓ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି ।

# କେଲେଣ୍ଡାରେ ନିଖୋଜ ଯୁବକଙ୍କ ଗଛରେ ଝୁଲନ୍ତା ଗଳିତ ଶବ ଉଦ୍ଧାର

ଝାରସୁଗୁଡ଼ା,୨୩/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଜୁନା କେଲେଣ୍ଡା ଗ୍ରାମରେ ଦୀର୍ଘ ୨୦ ଦିନ ଧରି ନିଖୋଜ ଥିବା ଜଣେ ଯୁବକଙ୍କ ଝୁଲନ୍ତା ଗଳିତ ମୃତ ଦେହ ଉଦ୍ଧାର ହୋଇଛି । ମୃତ ଯୁବକଙ୍କ ନାମ ରବି କିସାନ (୪୫) ଓ ତାଙ୍କ ଘର ଏହି ଜୁନା କେଲେଣ୍ଡା ଗ୍ରାମରେ ଅଟେ । ରବି ଚଳିତ ମାସ ୧ ତାରିଖ ତାରିଖରୁ ନିଖୋଜ ଥିଲେ । ସେ ଘରୁ ଗଲା ବେଳେ ଲୁଙ୍ଗି ଓ ଗଞ୍ଜି ପିନ୍ଧିଥିଲେ । ତେବେ କେଲେଣ୍ଡା ସଂରକ୍ଷିତ ଜଙ୍ଗଲରେ ଏକ ଗଛରେ ଜଣେ ଯୁବକଙ୍କ ପଚା ସଢ଼ା ଶବ ଝୁଲୁଥିବା ନେଇ କେତେକ ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଜଣେ ଯୁବକ ଲୁଙ୍ଗି ସାହାଯ୍ୟ ରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ ପ୍ରକାଶ ପାଇଥିଲା । ରବିଙ୍କ ପରିବାର ଲୋକ ମଧ୍ୟ ଘଟଣାସ୍ଥଳ କୁ ପହଂଚି ଗଛରେ ଲାଗିଥିବା ଲୁଙ୍ଗି ଓ ଗଞ୍ଜି ରବି ଙ୍କ ବୋଲି ଚିହ୍ନଟ କରିଥିଲେ । ମାତ୍ର ଶବଟି ସମ୍ପୂର୍ଣ୍ଣ ପଚିଶଢ଼ି ଯାଇଥିବାରୁ ଶବକୁ ଚିହ୍ନି ହେଉନଥିବା ସୂଚନା ମିଳିଛି । କୋଲାବିରା ପୋଲିସ ସୂଚନା ପାଇଁ ସନ୍ଧ୍ୟାରେ ଘଟଣାସ୍ଥଳକୁ ପହଂଚିଥିବା ସୂଚନା ମିଳିଛି ।ଙ୍କ ମୃତ ରବି ଙ୍କ ଘରେ ସ୍ତ୍ରୀ ଙ୍କ ସହ ୨ ପୁଅ ଓ ଜଣେ ଝିଅ ଅଛନ୍ତି । କୋଲାବିରା ପୋଲିସ ଘଟଣା ସ୍ଥଳକୁ ପହଂଚି ତଦନ୍ତ କରୁଥିବା ବେଳେ ଗୁରୁବାର ଶବର ପୋଷ୍ଟମର୍ଟମ କରାଯିବ ବୋଲି ଭାରପ୍ରାପ୍ତ ଥାନାଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି ।




# ଏସଆଇଆର୍‌କୁ ବାତିଲ କରିବା ଦାବିରେ ଦେଶବ୍ୟାପୀ ପିପୁଲସ ଏଗେନଷ୍ଟ ଏସଆଇଆର୍ ପକ୍ଷରୁ ପ୍ରତିବାଦ ବିକ୍ଷୋଭ




ରାଉରକେଲା,୨୩/୧୦(ନି/ପ୍ର): ଆମ ଦେଶର ଗଣତନ୍ତ୍ର ଓ ନାଗରିକମାନଙ୍କର ମୌଳିକ ମତଦାନ ଅଧିକାର ଆଜି ଗୁରୁତର ଆହ୍ୱାନର ସମ୍ମୁଖୀନ ହୋଇଥିବା ସମୟରେ, ସମ୍ବିଧାନର ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ପାଇଁ ସମସ୍ତ ଗଣତାନ୍ତ୍ରିକ ଶକ୍ତିଙ୍କ ଏକଜୁଟ ହେବା ଅତ୍ୟନ୍ତ ଜରୁରୀ ହୋଇଥିଲା ବେଳେ ଆଜି ପିପୁଲସ ଏଗେନଷ୍ଟ ଏସ ଆଇ ଆର୍ ପକ୍ଷରୁ ଦେଶବ୍ୟାପୀ ଅବୈଧ ଏସ ଆଇ ଆର୍ କୁ ବାତିଲ କରିବା ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ବେଳେ ରାଉରକେଲା ବିଶ୍ରା ଛକ ଠାରେ ବିଭିନ୍ନ ଗଣ ସଙ୍ଗଠନ,ଯୁବ ଛାତ୍ର, ମହିଳା, ବୁଦ୍ଧିଜୀବୀ, ଆଇନଜୀବୀ, ସାହିତ୍ୟିକ, ସାମାଜିକ ଓ ସାଂସ୍କୃତିକ ସଂଗଠନ ପ୍ରତିନିଧି ମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦେଶରେ ଜନସାଧାରଣ ଙ୍କ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାର ର ସୁରକ୍ଷା ପାଇଁ ଏକ ହେବାକୁ ଆହ୍ୱାନ କରିଥିଲେ। ମତଦାତା ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଝକ୍ତ୍ରର-ମସବକ୍ଷ ଓଭସ୍ପରଭସ୍ପସଙ୍ଗର ଜରଙ୍ଗସସ୍ପସକ୍ଟଭ — ଝଓଜ) ପ୍ରକ୍ରିୟାକୁ ନେଇ ଗଭୀର ଉଦ୍‌ବେଗ ସଂପ୍ରତି ଦେଶର ଦେଖା ଦେଇଛି।୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ପ୍ରକ୍ରିୟା ଯୋଗୁଁ କୋଟି କୋଟି ଗରିବ, ପ୍ରବାସୀ ଶ୍ରମିକ, ସଂଖ୍ୟାଲଘୁ ଓ ସମାଜର ଅବହେଳିତ ବର୍ଗର ମତଦାତାମାନେ ନିଜର ମତଦାନ ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। କେନ୍ଦ୍ର ବିଜେପି ସରକାର ନିର୍ଦ୍ଦେଶ ରେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏସ ଆଇ ଆର୍ କରି ପ୍ରାୟ ୧୩ କୋଟି ବୈଧ ଭୋଟର ଙ୍କ ନାମକୁ ଭୋଟର ତାଲିକାରୁ ବାଦ୍ ଦେଇଛନ୍ତି। ବିଶେଷ କରି ବିରୋଧୀ ରାଜନୀତି ରେ ବିଶ୍ୱାସ ରଖୁଥିବା, ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟର ମାନଙ୍କୁ ଏଥିରେ ଟାର୍ଗେଟ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ମୋଦି ସରକାର ନିର୍ବାଚନ କମିଶନ ଜରିଆରେ ଭୋଟ ଚୋରି କରି ହିଟଲରୀ କାଇଦାରେ କ୍ଷମତା କୁ ଅକ୍ତିଆର କରିବାକୁ ଚାହୁଁଛନ୍ତି।ଏହା ବିରୁଦ୍ଧରେ ସକଳ ସ୍ତରର ଗଣତନ୍ତ୍ର ପ୍ରେମୀ ଜନ ସାଧାରଣଙ୍କ ଏକ ହେବାକୁ ଆହ୍ୱାନ କରାଯାଇଛି। ଆଜିର ବିକ୍ଷୋଭ ରେ ଶ୍ରମିକ ନେତା ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ,ଶ୍ରୀମନ୍ତ ବେହେରା,ବି ପି ମହାପାତ୍ର, ହୃଦୟାନନ୍ଦ ଯାଦବ, କୃଷକ ନେତା ସୁରେନ୍ଦ୍ର ଦାଶ,ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ,ଲୟର୍ସ ୟୁନିୟନ ନେତା ରାଜ କିଶୋର ପ୍ରଧାନ, ଚନ୍ଦ୍ରଭାନୁ ଦାସ, ସନ୍ତୋଷ କୁମାର ବିଶ୍ୱାଳ,ନିହାର ରଞ୍ଜନ ସିଂହ, ସାହିତ୍ୟିକ ଆର୍ତତ୍ରାଣ ମହାପାତ୍ର,ଯୁବ ନେତା ଶେଖର ଶର୍ମା, ଛାତ୍ର ଫେଡେରେସନ ନେତ୍ରୀ ମୁକ୍ତା ଦାଶ,କ୍ଷେତ ମଜଦୁର ୟୁନିୟନ ନେତା ରଜତ ମୁଣ୍ଡା, ପ୍ରଦୀପ ଗୈାଡ,ବୀମା କର୍ମଚାରୀ ନେତା ଭାଗିରଥି ଟୁଡୁ,ଠିକା ଶ୍ରମିକଙ୍କ ନେତା ଅଜୟ ଶର୍ମା,ଅରୁ ଦାସ,ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ବିନୟ ବେହୁରିଆ, ଅଶୋକ ଦାସ, ଦିବାକର ମହାରଣା, ଏନ୍‌କେ ରାଉତରାୟ,ସାଗର ଛୋଟରାୟ, ବସନ୍ତ ପାଢ଼ୀ,ବଛିରାମ ବେହେରା ଉପେନ୍ଦ୍ର ତ୍ରିପାଠୀ, ପ୍ରମୋଦ ପରିଡା,ସୁରେନ୍ଦ୍ର ବେହେରା, ଅଜିତ୍ ରାୟ,ଇସ୍ପାତ ଶ୍ରମିକ ନେତା ସଚିନ୍ ରାୟ, କୁଳମଣି ରାଉତ, ବାସୁଦେବ ସାହୁ, ଶିଳ୍ପ ଶ୍ରମିକ ନେତା ସରୋଜ ବାର୍ଲା,ସି ଦିବାକର ରାଓ, ଇଶ୍ୱର କିଶାନ,ରାଜୀବ ବସନ୍ତ ରାୟ, ପ୍ରମୁଖ ବକ୍ତବ୍ୟ ରଖି ତୁରନ୍ତ ସି ଇ ସି ଜ୍ଞାନେଶ କୁମାର ଙ୍କୁ ବରଖାସ୍ତ କରିବା ପାଇଁ ଦାବି କରିଥିଲେ। ଏହି ବିକ୍ଷୋଭ ରେ ବକ୍ତାମାନେ କହିଥିଲେ ଯେ, ଗଣତନ୍ତ୍ରର ସୁରକ୍ଷା ଓ ମତଦାନ ଅଧିକାରର ସୁରକ୍ଷା ପାଇଁ ଆସନ୍ତୁ, ଆମେ ସମସ୍ତେ ଏକଜୁଟ ହେବା ଓ ସରକାରଙ୍କ ନିକଟରେ ଅବୈଧ ଏସ୍.ଆଇ.ଆର ପ୍ରକ୍ରିୟାକୁ ବାତିଲ କରାଯାଉ। ପୂର୍ବରୁ ପ୍ରଚଳିତ ନିୟମିତ ବ୍ୟବଧାନରେ ମତଦାତା ତାଲିକା ସଂଶୋଧନ ବ୍ୟବସ୍ଥାକୁ ପୁନଃ ଲାଗୁ କରାଯାଉ। ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛୁ ! ତାଙ୍କର କାର୍ଯ୍ୟକାଳର ସମୟ ଶେଷ ହେବା ଉଚିତ୍—ସେ ତୁରନ୍ତ ପଦ ଛାଡ଼ନ୍ତୁ ! ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ଆଇନକୁ ରଦ୍ଦ କରାଯାଉ। ଭାରତର ନିର୍ବାଚନ ଆୟୋଗ (ରଉଓ)ର ସ୍ୱାଧୀନତା ଓ ସ୍ୱାୟତତା ସୁନିଶ୍ଚିତ କରାଯାଉ। ବ୍ୟାପକ ନିର୍ବାଚନ ସଂସ୍କାର କରାଯାଉ। ଏଥିରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ, ନିର୍ବାଚନରେ ଅର୍ଥବଳ ଓ ବାହୁବଳର ପ୍ରଭାବକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ଏବଂ ନିର୍ବାଚନୀ ଅର୍ଥ ଯୋଗାଣର ପ୍ରମୁଖ ବ୍ୟବସ୍ଥା ଭାବେ ରାଜ୍ୟ ପକ୍ଷରୁ ନିର୍ବାଚନୀ ପାଣ୍ଠି ଯୋଗାଣକୁ ସାମିଲ କରିବା ଦାବିରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆଜିର କାର୍ଯ୍ୟକ୍ରମରେ ଆହ୍ୱାନ କରାଯାଇଛି।

# ମା ଇନ୍ଦିରା ମହିଳା ସମିତି ପକ୍ଷରୁ ନିୟୁ ସିଭିଲ୍ ଟାଉନସିପ୍ ଦୁର୍ଗାପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ




ରାଉରକେଲା,୨୩/୧୦(ନି/ପ୍ର): ନିୟୁ ସିଭିଲ୍ ଟାଉନସିପ୍ ସ୍ଥିତ ଦୁର୍ଗାପୂଜା ମଣ୍ଡପରେ ମା ଇନ୍ଦିରା ମହିଳା ସମିତି ପକ୍ଷରୁ ମହାନବମୀ ଅକ୍ଟୋବର ୨୦ ତାରିଖ ସନ୍ଧ୍ୟା ୭ଟା ସମୟରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟ ଗୁରୁ ସମୀର ମହାପାତ୍ର ଓ ଶୁଭଲକ୍ଷ୍ମୀ ନନ୍ଦୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନୃତ୍ୟ ଶିକ୍ଷା ଏବଂ ନୃତ୍ୟ ଅର୍ପଣ ସ୍କୁଲର ଲିଲି ସ୍ୱାଇଁଙ୍କ ପରିଚାଳନାରେ ଏହି ନୃତ୍ୟ ପରିବେଷଣ କରାଯାଇଥିଲା। ମା ଇନ୍ଦିରା ମହିଳା ସମିତିର ସଭାନେତ୍ରୀ ପୁଷ୍ପା ଲେଙ୍କା ମଚଂ ପରିଚାଳନା କରିଥିଲେ। ଏଥିରେ ତାଙ୍କୁ ସହଯୋଗ କରିଥିଲେ ସଞ୍ଜୁଲତା, ସୁଜାତା, ପ୍ରଭାତୀ, ଲୀଳାବତୀ, ଶୋଭା ପ୍ରମୁଖ । କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱାଗତ ଭାଷଣ ଉପସ୍ଥାପନା କରିଥିଲେ ଓ୍ୱାଇ ହେମଲତା। ଏହି କାର୍ଯ୍ୟକ୍ରମର ଅତିଥି ଭାବରେ ସାଇଭେଲି ସ୍କୁଲର ଉପାଧକ୍ଷ ତଥା ରୋଟାରୀ କ୍ଲବର ଆସିଷ୍ଟାଣ୍ଟ ଗଭର୍ଣ୍ଣର ଭଗବାନ ପାଢ଼ୀ ଏବଂ ତାଙ୍କ ସହଧର୍ମିଣୀ ଜୟଶ୍ରୀ ପାଢ଼ୀ। ଦୁର୍ଗାପୂଜା କମିଟିର ମୁଖ୍ୟ ତଥା ବୟୋଜ୍ୟେଷ୍ଠ ପ୍ରସନ୍ନ ଦାସ ତାଙ୍କ ବକ୍ତବ୍ୟରେ ୩୪ ବର୍ଷର ଦୁର୍ଗାପୂଜା ଯେଉଁମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ସେମାନଙ୍କୁ ମନେପକାଇ ଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ରାଧା ସାହୁ ମା ଦୁର୍ଗାଙ୍କ ସ୍ତୁତି ପାଠ କରିବା ପରେ ନୃତ୍ୟ ଗୁରୁମା ଓଡଶୀ ନୃତ୍ୟ ପରିବେଷଣ କରିଥିଲେ ଏବଂ ଏଥିରେ ତାଙ୍କୁ ସହଯୋଗ କରିଥିଲେ ଦୀପା, ସାଇସମ୍ପୂର୍ଣ୍ଣା, ସ୍ମୃତି, ସତ୍ୟମ୍, ଆୟୁଷ, ବୈଦେହୀ, ଇପସିତା, ଶ୍ରେୟା ସିଂ, ଚନ୍ଦନ, ବର୍ଷା ସାନଭି, ରୁଦ୍ରାଂଶ, ଯଶସ୍ୱିନୀ, ଆତ୍ରୀ, ଆରାଧା ଲିସ୍ପା, ଖୁସୀଙ୍କ ଦ୍ୱାରା ନବଦୁର୍ଗା ବିଶେଷ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମା ଇନ୍ଦିରା ମହିଳା ସମିତି ପକ୍ଷରୁ ସମସ୍ତ ନୃତ୍ୟ ମା'ଙ୍କ ଉପରେ ଆଧାରିତ ଥିଲା। ନୃତ୍ୟ ପରିବେଷଣ କରିଥିବା ସମସ୍ତ କଳାକାରଙ୍କୁ ବିଶୁ, ଇତିହାସ, ଦିଲୁ, ଶୁଭେନ୍ଦୁ, ରଣାବାବୁ, ବିଶ୍ୱଜିତଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡିମ୍ପଲ ସାହୁ।

# ଟ୍ରକ୍-କାର ମୁହାଁମୁହିଁ ଧକ୍କା:୨ମୃତ, ୫ ଆହତ




ରାଉରକେଲା,୨୩/୧୦(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡା ଥାନା ଅଧୀନ କଳେଇପୋଷ କଟା ଠାରେ ଆଜି ଏକ ୧୬ ଚକିଆ ଟ୍ରକ୍ ଓ କାର ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୫ ଜଣ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତାହତମାନେ ବରସୁଆଁ ଅଂଚଳର ହୋଇଥିବା ସୂଚନା ମିଳିଛି।

# ନଭେମ୍ବର ୧୫ରେ ଝିରପାଣିରେ ପାଳିତ ହେବ ବୀର ବିର୍ସା ମୁଣ୍ଡା ଜୟନ୍ତୀ-୨୦୨୬

## ବୀର ବିର୍ସା ମୁଣ୍ଡା ଜୟନ୍ତୀରେ ଶୋଭାଯାତ୍ରା ସହିତ ରକ୍ତଦାନ ଶିବିର ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ରାଉରକେଲା,୨୩/୧୦(ନି/ପ୍ର): ସ୍ୱାଧୀନତା ସଂଗ୍ରାମୀ ଧରତୀ ଆବା ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଆଦିବାସୀ ଟ୍ରାଇବାଲ୍ ଫୋରମ୍ ଟ୍ରଷ୍ଟ ପକ୍ଷରୁ ୨୦୨୬ ନଭେମ୍ବର ୧୫ ରବିବାର ଦିନ ଝିରପାଣି ସ୍ଥିତ ବିଜୟ କ୍ଲବ ପଡ଼ିଆରେ ଜୟନ୍ତୀ ସମାରୋହ ଆୟୋଜନ କରାଯିବ ବୋଲି ଆଜି ଝିରପାଣି ନନୀ କେଫ୍ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆଦିବାସୀ ସଂସ୍କୃତି, ପରମ୍ପରା, ଏକତା ଓ ବୀର ବିର୍ସା ମୁଣ୍ଡାଙ୍କ ବଳିଦାନକୁ ସ୍ମରଣ କରିବା ସହ ସେବା, ଭାଇଚାରା ଓ ସାମାଜିକ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର ଏହି ସମାରୋହର ମୁଖ୍ୟ ଉଦ୍ଦେଶ୍ୟ। ନଭେମ୍ବର ୧୫ ତାରିଖ ସକାଳ ୯ଟାରେ ଏକ ଜନଜାଗରଣ ଶୋଭାଯାତ୍ରା ଝିରପାଣିରୁ ବାହାରି ବିର୍ସା ଚୌକ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ବୀର ବିର୍ସା ମୁଣ୍ଡାଙ୍କ ଜୀବନ, ତ୍ୟାଗ, ସଂଘର୍ଷ ଓ ଅବଦାନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯିବ। ଶୋଭାଯାତ୍ରା ଶେଷ ହେବା ପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏହି ରକ୍ତଦାନ ଶିବିରରେ ଯୁବକ ଯୁବତୀ ଓ ସମାଜସେବୀମାନଙ୍କୁ ଅଧିକ ସଂଖ୍ୟାରେ ଯୋଗଦେଇ ରକ୍ତଦାନ କରିବାକୁ ଟ୍ରଷ୍ଟ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଧାରିତ ଏକ କ୍ଷୁଦ୍ର ଓ ପ୍ରଭାବଶାଳୀ ନାଟକ ପରିବେଷଣ କରାଯିବା ସହିତ ଅପରାହ୍ନରେ ଝିରପାଣିର ବିଜୟ କ୍ଲବ ପଡ଼ିଆରେ ସାଂସ୍କୃତିକ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ନାଗପୁରୀ, ଭୋଜପୁରୀ ସମେତ ବିଭିନ୍ନ ଭାଷାର କଳାକାରମାନେ ସଂଗୀତ ପରିବେଷଣ କରିବେ । ଏଥିରେ ମୁଖ୍ୟ ଆକର୍ଷଣ ଭାବେ ଇଣ୍ଡିଆନ୍ ଆଇଡଲ୍ ଗାୟକ ପଓ୍ୱନଦୀପ ରାଜନ ଓ ଚେତନା ଭରଦ୍ୱାଜ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଆଦିବାସୀ ଏକତା ଓ ସଂସ୍କୃତିର ବାର୍ତ୍ତା ବହନ କରି ବୀର ବିର୍ସା ମୁଣ୍ଡା ଆଦିବାସୀ ସମାଜର ସ୍ୱାଭିମାନ, ଅଧିକାର ଓ ସଂଘର୍ଷର ଅମର ପ୍ରତୀକ ହୋଇପାରିଛନ୍ତି। ତାଙ୍କ ଆଦର୍ଶ ଓ ତ୍ୟାଗକୁ ନୂତନ ପିଢ଼ି ପର୍ଯ୍ୟନ୍ତ ପହଚାଂଇବା ଏବଂ ଆଦିବାସୀ ସଂସ୍କୃତିର ସୁରକ୍ଷା ଏହି ସମାରୋହର ମୂଳ ଲକ୍ଷ୍ୟ। ରାଉରକେଲା ଓ ଆଖପାଖ ଅଚଂଳର ଆଦିବାସୀ ସଂଗଠନ, ସାମାଜିକ କର୍ମୀ, ଯୁବକ-ଯୁବତୀ, ବୁଦ୍ଧିଜୀବୀ, କଳାପ୍ରେମୀ ଓ ସାଧାରଣ ଜନତାଙ୍କୁ ଏହି ସମାରୋହରେ ଯୋଗଦେଇ ଏହାକୁ ସଫଳ କରିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି।

# ରାଉରକେଲାରେ ଜୀବିକା ବ୍ୟବସାୟ ଇନକ୍ୟୁବେସନ୍ କେନ୍ଦ୍ର ପ୍ରତିଷ୍ଠା




ରାଉରକେଲା,୨୩/୧୦(ନି/ପ୍ର): ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଗଝଗର) ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଜାତୀୟ ଦକ୍ଷତା ବିକାଶ ନିଗମ (ଘଝଓଉ), ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ରାଉରକେଲା ଇସ୍ପାତ କାରଖାନା (ଜଝଚ) ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଜାତୀୟ ଅନୁସୂଚିତ ଜନଜାତି ଅର୍ଥ ବିକାଶ ନିଗମ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଆବଶ୍ୟକୀୟ ଦକ୍ଷତା ପ୍ରଦାନ କରି ଦକ୍ଷତା ଏବଂ ପ୍ରକ୍ରିୟାଗୁଡ଼ିକୁ ଉନ୍ନତ କରିବା ପାଇଁ ଏକ ବିଶେଷ ଧ୍ୟାନ ଦିଆଯାଇପାରିଲେ ହିଁ ଏକ ସମ୍ପ୍ରଦାୟର ଆର୍ଥିକ ସଶକ୍ତିକରଣକୁ ଅଧିକ ପ୍ରଭାବଶାଳୀ କରାଯାଇପାରିବ। ଅନୁସୂଚିତ ଜନଜାତିଙ୍କ ମଧ୍ୟରେ ସ୍ଥାୟୀ ଜୀବିକା ପ୍ରଣାଳୀ ସୃଷ୍ଟିକୁ ସହଜ କରିବା ପାଇଁ ଦକ୍ଷତା ଏବଂ ଜ୍ଞାନର ସମୃଦ୍ଧିକୁ ନେଇ ପାଣ୍ଠି ଗଠନ ସହିତ ଜଟିଳ ଭାବରେ ଯୋଡାଯିବା ଆବଶ୍ୟକ। ଉଦୀୟମାନ ଉଦ୍ୟୋଗୀମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଚାକିରି ଭୂମିକାରେ ଦକ୍ଷତା ନିର୍ମାଣ ଏବଂ ମାର୍କେଟିଂ, ବ୍ରାଣ୍ଡିଂର ଆର୍ଥିକ ଦିଗ ଉପରେ ମୌଳିକ ଜ୍ଞାନ ପ୍ରଦାନ କରିବା ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଓଡିଶାର ରାଉରକେଲାରେ ଜୀବିକା ଇନକ୍ୟୁବେସନ୍ କେନ୍ଦ୍ର ୨୦୧୮ରେ ପ୍ରତିଷ୍ଠିତ ହୋଇଥିଲା ଯାହାକୁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଉତ୍କର୍ଷ କେନ୍ଦ୍ର ଭାବରେ ସ୍ୱୀକୃତି ଦିଆଯାଇଛି। ଏହା ଭାରତ ସରକାରଙ୍କ ତିନୋଟି ମନ୍ତ୍ରଣାଳୟ ଏବଂ ସେମାନଙ୍କ ଅଧୀନରେ ଥିବା ତିନୋଟି କେନ୍ଦ୍ରୀୟ ସ୍ତରୀୟ ସର୍ବୋଚ୍ଚ ସରକାରୀ ଉଦ୍ୟୋଗ ଯଥା, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଗଝଗର) ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଦକ୍ଷତା ବିକାଶ ନିଗମ (ଘଝଓଉ), ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ ଅଧିକୃତ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ରାଉରକେଲା ଇସ୍ପାତ କାରଖାନା (ଜଝଚ) ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଅନୁସୂଚିତ ଜନଜାତି ଅର୍ଥ ଏବଂ ବିକାଶ ନିଗମର ଏକ ଅନନ୍ୟ ସହଯୋଗ ପ୍ରୟାସ। ଏହି ସହଯୋଗୀ ପ୍ରକଳ୍ପ ଜାରି ରଖିବା ପାଇଁ ୨୦୨୬ ଅକ୍ଟୋବର ୨୨ ତାରିଖରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଚଳିତ ବର୍ଷ ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କ ପାଇଁ ସହକାରୀ ବିଉଟିସିଆନ୍, ସ୍ୱନିଯୁକ୍ତ ଦର୍ଜୀ, ସହାୟକ କମ୍ପ୍ୟୁଟର ଅପରେଟର (ଟାଲି ଏବଂ ଆକାଉଣ୍ଟିଂ), ସହକାରୀ ବିଦ୍ୟୁତ୍ ବିଶେଷଜ୍ଞ, ରୁଟି ଏବଂ ବେକରୀ ଉତ୍ପାଦନ, ଛତୁ ଚାଷ ଅନ୍ତର୍ଭୁକ୍ତ। ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସ୍ଥାନ ଯୋଗାଇ ଦିଆଯିବା ସହିତ ଗଝଗରର ଇଝଚଓଜର ଯୋଜନା ଅଧୀନରେ ପ୍ଲାଂଟ ଏବଂ ଯନ୍ତ୍ରପାତି ସ୍ଥାପନ କରାଯାଇଛି ଏବଂ କେନ୍ଦ୍ରର ପୁନରାବୃତ୍ତି ଖର୍ଚ୍ଚ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅନୁଦାନ ମାଧ୍ୟମରେ ଘଝଞ୍ଚରଉଉ ଦ୍ୱାରା ବହନ କରାଯାଉଛି।

କେନ୍ଦ୍ରର ମୌଳିକ ଉଦ୍ଦେଶ୍ୟ ହେଉଛି ତାଲିମ, ଦକ୍ଷତା ବିକାଶ ଏବଂ ସ୍ଥାୟୀ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ସ୍ଥାନୀୟ ଜନଜାତି ଯୁବକ ଯୁବତୀମାନଙ୍କୁ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ। ଏହାର ଉଦ୍ଦେଶ୍ୟ ହେଉଛି ତାଲିମ ଏବଂ ସମନ୍ୱୟ ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି କରିବା, ଉତ୍ପାଦକତାରେ ଉନ୍ନତି ଆଣିବା ଏବଂ ଉପଯୁକ୍ତ ଜୀବିକା ସୃଷ୍ଟି ମାଧ୍ୟମରେ ଦିଗଦର୍ଶନ ଦେବା। ଏହି କେନ୍ଦ୍ର ବିଭିନ୍ନ ପାଠ୍ୟକ୍ରମ ଯଥା ଓ୍ୱେଲ୍ଡିଂ ପ୍ରଯୁକ୍ତିବିଦ୍ୟା, ଫର୍ଣ୍ଣିଚର ଉତ୍ପାଦନ, ସୋୟା କ୍ଷୀର ନିଷ୍କାସନ, ଟୋଫୁ ପ୍ୟାକେଜିଂ, ବିଉଟିସିଆନ୍, ଉତ୍ପାଦନ ବାଣିଜ୍ୟ (ରୁଟି ଏବଂ ବେକରୀ) ପାଠ୍ୟକ୍ରମରେ ତାଲିମ ପ୍ରଦାନ କରୁଛି। ଏହି କେନ୍ଦ୍ର ସମ୍ଭାବ୍ୟ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛି। ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କେନ୍ଦ୍ରରୁ ଉପକୃତ ହୋଇଛନ୍ତି ଏବଂ ବେକରୀ, ଛତୁ ଚାଷ, ବିଉଟି ପାର୍ଲର, ଟେଲରିଂ ଇତ୍ୟାଦି ବିଭିନ୍ନ ବାଣିଜ୍ୟରେ ନିଜର ବ୍ୟବସାୟିକ କାର୍ଯ୍ୟକଳାପ ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏବଂ ଘଝଞ୍ଚରଉଉର ଉଗଉ ଟି. ରୋମୁଆନ ପାଇଟ, କମ୍ପାନୀ ସଚିବ କୁଞ୍ଜ ବିହାରୀ, ଇଏଗ (ପ୍ରକଳ୍ପ ଏବଂ ଉଝଜ) ସୁଶ୍ରୀ ବିସ୍ମିତା ଦାସ ଏବଂ ପୂର୍ବ ଜୋନର ମୁଖ୍ୟ ଜୋନାଲ ମ୍ୟାନେଜର ସୁନୀଲ କୁମାର ସାହୁ ଯୋଗଦେଇଥିଲେ। ତପନ କୁମାର ଜି. କାନେକର, ଉଏଗ (ଞ୍ଚଝ ଏବଂ ଉଝଜ) ଏବଂ ଆର.ଏସ.ପି ପକ୍ଷରୁ ବୋରା ଡିଜିଏମ୍ (ଉଝଜ) ଏବଂ ଘଝଓଉ ପକ୍ଷରୁ ସିନିୟର ଜେନେରାଲ ମ୍ୟାନେଜର (ଟେକ୍. ଟ୍ରେନିଂ ଆଣ୍ଡ ଡେଭଲପମେଂଟ ଭର୍ଟିକାଲ୍ ଏବଂ ଝଇଟ ମୁଖ୍ୟ) ଓ.ପି. ସିଂହ ଏବଂ ମ୍ୟାନେଜର ମାର୍କଣ୍ଡେୟ କୁମାର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ପ୍ରଶିକ୍ଷାର୍ଥୀ, ଅଧ୍ୟାପକମାନଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଏବଂ କେନ୍ଦ୍ରର କାର୍ଯ୍ୟକାରିତା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଘଝଓଉ ଅଧିକାରୀଙ୍କ ସହିତ ବୈଠକ କରାଯାଇଥିଲା। ପ୍ରାର୍ଥୀମାନଙ୍କୁ ସଂଗ୍ରହ କରିବା, ପ୍ରତିଷ୍ଠାନର କାର୍ଯ୍ୟ ଏବଂ ପ୍ରଶିକ୍ଷାର୍ଥୀଙ୍କ ପ୍ରଗତି ସମ୍ବନ୍ଧୀୟ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

# ସଂସ୍କୃତ ଭାଷାବୋଧନ ବର୍ଗର ଶୁଭାରମ୍ଭ

ବଲାଙ୍ଗିର,୨୩/୧୦(ନି/ପ୍ର): ପ୍ରାଚୀନ ଭାରତୀୟ ଜ୍ଞାନପରମ୍ପରାର ଅମୂଲ୍ୟ ବାହକ ସଂସ୍କୃତ ଭାଷାର ସଂରକ୍ଷଣ, ସଂବର୍ଦ୍ଧନ ଓ ଜନସାଧାରଣଙ୍କ ମଧ୍ୟରେ ଏହାର ବ୍ୟବହାରିକ ପ୍ରସାର ଲକ୍ଷ୍ୟରେ ସଂସ୍କୃତଭାରତୀ, ଉତ୍କଳ ପଶ୍ଚିମ ପ୍ରାନ୍ତ ପକ୍ଷରୁ ତ୍ରିଦିବସାତ୍ମକ ସଂସ୍କୃତ ଭାଷାବୋଧନ ବର୍ଗ ର ଶୁଭାରମ୍ଭ ହୋଇଯାଇଛି। ଗୁରୁବାର ଦିନ ବଲାଙ୍ଗୀର ସହରର କଲେଜଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଉଦ୍ଘାଟନୀ ସମାରୋହରେ ସଂସ୍କୃତ ଭାଷାର ମହତ୍ୱ, ସମକାଳୀନ ସମାଜରେ ଏହାର ପ୍ରାସଙ୍ଗିକତା ଏବଂ ଦୈନନ୍ଦିନ ଜୀବନରେ ସଂସ୍କୃତର ବ୍ୟବହାର ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା। ସମାରୋହର ପ୍ରାରମ୍ଭରେ ମିଥୁନ ବାଗ୍ ଧ୍ୟେୟମନ୍ତ୍ର ଉଚ୍ଚାରଣ କରିଥିବା ବେଳେ କଳାହାଣ୍ଡି ବିଭାଗ ସଂଯୋଜକ ଉମେଶ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତଭାରତୀର ପ୍ରାନ୍ତ ସହମନ୍ତ୍ରୀ ଡ. ମାନସରଞ୍ଜନ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାରୋହର ମୁଖ୍ୟବକ୍ତା ସଂସ୍କୃତଭାରତୀର ପ୍ରାନ୍ତ ସମ୍ପାଦକ ଅଜିତ କୁମାର ପଣ୍ଡା, ମୁଖ୍ୟ ଅତିଥି ଭାବେ ବନବାସୀ କଲ୍ୟାଣ ଆଶ୍ରମର ବଲାଙ୍ଗୀର ଜିଲ୍ଲା ସଭାପତି ରବି ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗର ସହସଂଘଚାଳକ ତରଣୀସେନ ପଟେଲ ଏବଂ ବରେଣ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର କୁମାର ମିଶ୍ର ଉପସ୍ଥିତ ଥିଲେ। ସଭାରେ ଧର୍ମରାଜ ବାଗ୍ ସଭାପତିତ୍ୱ କରିଥିଲେ।ଶେଷରେ ବର୍ଗ ବ୍ୟବସ୍ଥା ପ୍ରମୁଖ ରାଧାନାଥ ଦିଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍କୃତଭାରତୀ, ଉତ୍କଳ ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା, ବଲାଙ୍ଗୀରର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ସମଗ୍ର କାର୍ଯ୍ୟକ୍ରମର ସଂଚାଳନ କରିଥିଲେ। ବିଭିନ୍ନ ଜିଲ୍ଲାର ୫୫ ଜଣ ଏହି ବର୍ଗରେ ପ୍ରଶିକ୍ଷଣ ନେଉଛନ୍ତି। ସଂସ୍କୃତଭାରତୀର ଏହି ପ୍ରୟାସ ମାଧ୍ୟମରେ ସଂସ୍କୃତ ଭାଷାକୁ ଶିକ୍ଷାନୁଷ୍ଠାନର ସୀମା ଅତିକ୍ରମ କରାଇ ସାଧାରଣ ଜୀବନ ସହିତ ସଂଯୋଜିତ କରିବା, ଭାଷାଗତ ଆତ୍ମବିଶ୍ୱାସ ବୃଦ୍ଧି କରିବା ଏବଂ ଭାରତୀୟ ସାଂସ୍କୃତିକ ଚେତନାକୁ ସୁଦୃଢ଼ କରିବା ଦିଗରେ ପ୍ରୟାସ କରାଯାଉଛି।

# ସ୍ଥାୟୀ ଲୋକ ଅଦାଲତ ଉଦ୍ଦେଶ୍ୟରେ ଜନସଚେତନତା ଶିବିର

ବଲାଙ୍ଗିର,୨୩/୧୦(ନି/ପ୍ର) :ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ ଅନୁସାରେ ଏବଂ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର ହୀରନ୍ମୟ ବିଶୋଇଙ୍କ ଅନୁମତିକ୍ରମେ ତା. ୨୨.୧୦.୨୦୨୬ ରେ ଧୂବଲପଡା ଗ୍ରାମ ପଂଚାୟତ, ବଲାଙ୍ଗୀର ଠାରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର କାର୍ଯ୍ୟପ୍ରଣାଳୀ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣର ବିପର୍ଯ୍ୟୟ ପୀଡ଼ିତଙ୍କ ପାଇଁ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ବଲାଙ୍ଗୀର, ପବିତ୍ରାନନ୍ଦ ପ୍ରଧାନ, ସ୍ଥାୟୀ ଲୋକ ଅଦାଲତର ସଦସ୍ୟ ଅଚ୍ୟୁତ ପୁରୋହିତ, ଶଙ୍କର୍ଷଣ ପ୍ରଧାନ ଏବଂ ଧୂବଲପଡା ଗ୍ରାମ ପଚାଂୟତର ନିର୍ବାହୀ ଅଧିକାରୀ ଡି.ଦିଲେଶ୍ୱର ସାହୁ ଯୋଗ ଦେଇଥିଲେ।

# ସାମଗ୍ରୀ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ପାଇଁ ଆରଏସପିରେ ନୂତନ ପି.ଏସ – ୩ ଷ୍ଟୋରର ଉଦ୍‌ଘାଟନ




ରାଉରକେଲା,୨୩/୧୦(ନି/ପ୍ର) :ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି.) ଏଚ.ଏସ.ଏମ -୧ ଅଧୀନରେ ଥିବା ପୂର୍ବତନ ଇ.ଏସ.ଏମ ବେ' କୁ ଏକ ଅତିରିକ୍ତ ସାମଗ୍ରୀ ସଂରକ୍ଷଣ ସୁବିଧାରେ ପରିଣତ କରି ନୂତନ ପି.ଏସ – ୩ ଷ୍ଟୋରର ଶୁଭାରମ୍ଭ କରିଛି। ଏହି ନୂତନ ଷ୍ଟୋରକୁ ଅକ୍ଟୋବର ୨୨ ତାରିଖରେ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଶ୍ରୀ ଅନିଲ କୁମାର ଉଦ୍‌ଘାଟନ କରିଛନ୍ତି। ବିଦ୍ୟମାନ ଭିତ୍ତିଭୂମିର ପ୍ରଭାବଶାଳୀ ଉପଯୋଗ, ଷ୍ଟୋର ପରିଚାଳନାରେ ସୁଧାର ଏବଂ ବେ' ର ସାମଗ୍ରୀ ପରିବହନରେ ଥିବା ପ୍ରତିବନ୍ଧକକୁ ଦୂର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ନୂତନ ପି.ଏସ – ୩ ଷ୍ଟୋରରେ ବର୍ତ୍ତମାନ ପି.ଏସ – ୨ ରେ ଗଚ୍ଛିତ ଥିବା କନଭେୟର ବେଲ୍ଟ ଏବଂ ସେଟ୍ରାଂଲ ଷ୍ଟୋରର କିଛି ଭାରୀ ସାମଗ୍ରୀ, ଯାହା ବର୍ତ୍ତମାନ ଉନ୍ମୁକ୍ତ ସ୍ଥାନରେ ଅଛି, ସେଗୁଡ଼ିକୁ ରଖାଯିବ।ଏହା ପି.ଏସ – ୨ ଏବଂ ସେଟ୍ରାଂଲ ଷ୍ଟୋରର ସଂରକ୍ଷଣ ସ୍ଥାନର ଭିଡ଼ କମାଇବାରେ ସାହାଯ୍ୟ କରିବା ସହିତ ସାମଗ୍ରୀଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣକୁ ଆହୁରି ଉନ୍ନତ କରିବ। ଏହା ଉଲ୍ଲେଖଯୋଗ୍ୟ ଯେ, ଏଚ.ଏସ.ଏମ -୧ ର କାର୍ଯ୍ୟ ବନ୍ଦ ହେବା ପରେ, ଇ.ଏସ.ଏମ ବେ' ରେ ଥିବା ମିଲ୍ ଶେଡ୍ ଅବ୍ୟବହୃତ ହୋଇ ରହିଥିଲା। ଏହାକୁ ଏକ ଆଧୁନିକ ସଂରକ୍ଷଣ ସୁବିଧାରେ ପରିଣତ କରିବା, ଆର.ଏସ.ପି.ର ସମ୍ପତ୍ତିର ସର୍ବୋତ୍ତମ ଉପଯୋଗ, ଶୃଙ୍ଖଳିତ ସାମଗ୍ରୀ ପରିଚାଳନା ଏବଂ କାର୍ଯ୍ୟଦକ୍ଷତା ଉପରେ ଧ୍ୟାନକୁ ଦର୍ଶାଉଛି। ଏହି ନୂତନ ସୁବିଧା ଷ୍ଟୋରର ସାମଗ୍ରୀ ପରିବହନ ପ୍ରକ୍ରିୟାକୁ ବୃଦ୍ଧି କରିବ, ସାମଗ୍ରୀ ପରିଚାଳନା କାର୍ଯ୍ୟକୁ ସୁଗମ କରିବ ଏବଂ ଆଚ୍ଛାଦିତ ଓ ସୁସଂଗଠିତ ସଂରକ୍ଷଣ ମାଧ୍ୟମରେ ଗଚ୍ଛିତ ସାମଗ୍ରୀଗୁଡ଼ିକର ସଂରକ୍ଷଣ ଅବଧି ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ମହାପ୍ରବନ୍ଧକ ପ୍ରଭାରୀ (ସେବା) ଶ୍ରୀ ଏ.ସି. ସରକାର; ମୁଖ୍ୟ ମହାପ୍ରବନ୍ଧକ (ରକ୍ଷଣାବେକ୍ଷଣ) ଶ୍ରୀ ଏସ.ଏସ. ରାୟଚୌଧୁରୀ; ମୁଖ୍ୟ ମହାପ୍ରବନ୍ଧକ (ଏମ ଏମ ) ଶ୍ରୀ ଟି ବିନୋଦ, ମହାପ୍ରବନ୍ଧକ ପ୍ରଭାରୀ (ଏମ ଏମ ଆଣ୍ଡ ସଟ୍ଟୋରସ୍ ) ଶ୍ରୀ ଆଶିଷ ରଞ୍ଜନଙ୍କ ସମେତ ସାମଗ୍ରୀ ପରିଚାଳନା ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।